ଧରିତ୍ରୀ
DHARITRI
September 24-30, 2023 ₹ 2/-

# ଛୁଟିଦିନ



## ଦିବ୍ୟ ପୁଷ୍ପ

# କଦମ୍ବ

ସାକ୍ଷୀ ସେ ନଟଖଟ୍ କୃଷ୍ଣଙ୍କ ବାଲ୍ୟଲୀଳାର । ପୁଣି ସାକ୍ଷୀ ରାଧାକୃଷ୍ଣଙ୍କ ଅମର ପ୍ରେମର । ଶ୍ରୀହରିଙ୍କର ପ୍ରିୟ ସେ । ସେଥିପାଇଁ ତ ଲୋକେ କହନ୍ତି 'ହରିପ୍ରିୟା' । ପୁରାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ରହିଛି ଏହାର ସ୍ୱତନ୍ତ୍ରତା। ସେ ହେଉଛି ଦିବ୍ୟ କଦମ୍ବ...

ପ୍ରଚ୍ଛଦ ପ୍ରସଙ୍ଗ
୩

# କେଉଁ ଜିନିଷ ଉଧାର ଆଣିବେ ନାହିଁ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ଉଧାର ସ୍ୱରୂପ କାହାଠାରୁ ମାଗି ଆଣି ବ୍ୟବହାର କରିବା ଅଶୁଭ ହୋଇଥାଏ। ଯେମିତିକି:**

✲ **ଦହି:** ଘରେ ଦହି ବସାଇବା ପାଇଁ ବେଳେବେଳେ ମହିଳାମାନେ ପଡୋଶୀଙ୍କଠାରୁ ଟିକେ ଦହି ମାଗି ଆଣିଥାନ୍ତି। କିନ୍ତୁ ଏପରି କରିବା ଠିକ୍ ନୁହେଁ। କାହାଠାରୁ ଦହି ମାଗିଆଣି ବ୍ୟବହାର କଲେ ସୁଖଶାନ୍ତିରେ ବାଧା ଉପୁଜିଥାଏ ବୋଲି ବିଶ୍ୱାସ ରହିଛି।

✲ **ଲୁଣ:** ସୂର୍ଯ୍ୟାସ୍ତ ପରେ କାହାକୁ ଲୁଣ ଦେବା କିମ୍ବା କାହାଠାରୁ ଲୁଣ ଉଧାର ଆଣିବା ଆଦୌ ଶୁଭଙ୍କର



ନୁହେଁ। ଏହାଦ୍ୱାରା ସୁଖସମୃଦ୍ଧି ନଷ୍ଟ ହେବା ସହ କରଜ ବଢିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ **ଘଣ୍ଟା:** କେବେ ବି କାହାଠାରୁ ଘଣ୍ଟା ମାଗିଆଣି ବ୍ୟବହାର କରିବେ ନାହିଁ। ଏହା ଉନ୍ନତି ପଥରେ ବାଧା ଉପୁଜାଇଥାଏ।

✲ **ପୋଷାକ:** ଅନ୍ୟ କାହାର ପୋଷାକ ମାଗିଆଣି ପିନ୍ଧିବା ବି ଠିକ୍ ନୁହେଁ। କାରଣ ଏହି ପୋଷାକ ମାଧ୍ୟମରେ ଉକ୍ତ ବ୍ୟକ୍ତିଙ୍କର ଯଦି ଶାରୀରିକ କିମ୍ବା ମାନସିକ ସମସ୍ୟା ଥାଏ, ତାହା ଆପଣଙ୍କ ନିକଟକୁ ବି ଆସିବାର ସମ୍ଭାବନା ରହିଥାଏ।

✲**ଜୋତା:** ଅନ୍ୟର ଜୋତା/ଚପଲକୁ ବ୍ୟବହର କରିବା ବି ଦାରିଦ୍ର୍ୟତାକୁ ଡାକି ଆଣିଥାଏ।

✲ **ରୁମାଲ:** ନିଜ ରୁମାଲ କାହାକୁ ଦେବା କିମ୍ବା ଅନ୍ୟଠୁ ମାଗିଆଣି ବ୍ୟବହାର କଲେ ସମ୍ପର୍କରେ ତିକ୍ତତା ଆସେ ବୋଲି କୁହାଯାଏ।

✲ **ଛୁଞ୍ଚ:** ଛୁଞ୍ଚ ବି କାହାଠାରୁ ଉଧାରରେ ଆଣିବେ ନାହିଁ। ଏହା ଆର୍ଥିକ ସମସ୍ୟାକୁ ଡାକି ଆଣିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୪-୩୦

**ମେଷ**
ଅପ୍ରିୟ ସତକଥାରୁ ବିବାଦ, ସତର୍କତା ଅଭାବରୁ ଆଘାତ, କ୍ରୟବିକ୍ରୟରୁ କଳହ, ଠକାମିରେ ପଡିପାରନ୍ତି, ସମ୍ପର୍କକୁ କେନ୍ଦ୍ରକରି ସମସ୍ୟା, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଚଳଚ୍ଚିତ୍ରରେ ସମସ୍ୟା ॥

**ବୃଷ**
ଯାତ୍ରାରେ ଲକ୍ଷ୍ୟ ପୂରଣ, ଅଭିଳଷିତ ଫଳପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ଆନୁଷ୍ଠାନିକ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟସ୍ୱଜନଙ୍କ ପ୍ରଶଂସା, ଅର୍ଥପ୍ରାପ୍ତିରୁ ଆନନ୍ଦ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ସମ୍ପର୍କ ଯୋଡି ହୋଇଯିବ , ଚାପର ସମ୍ମୁଖୀନ ହୋଇପାରନ୍ତି ॥

**ମିଥୁନ**
ସମୟାନୁବର୍ତ୍ତିତାରୁ ପ୍ରଶଂସା, ପଦାଧିକାରୀଙ୍କ ଅନୁକମ୍ପା, ଯାନବାହନରେ ତ୍ରୁଟି, ବିଳମ୍ବିତ ଦୌରାତ୍ମ୍ୟ, ବ୍ୟବସାୟିକ ଉତ୍କର୍ଷତା, ବିବାଦର ସମାଧାନ, ପରିସ୍ଥିତିର ମୁକାବିଲା, ଭୁଲ୍ ଖବରରୁ ବ୍ୟସ୍ତତା ॥

**କର୍କଟ**
ପ୍ରତୀକ୍ଷିତ ଖବର ପାଇବେ, ସାମୟିକ ଆନନ୍ଦ, ସନ୍ତାନଙ୍କ ସ୍ୱାସ୍ଥ୍ୟସମସ୍ୟା, ପରିବହନରେ ଝଗଡା, କ୍ରୀଡାରେ ସଫଳତା, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, ଅତିଥି ଚର୍ଚ୍ଚାରୁ ଆତ୍ମତୃପ୍ତି, କଳାସାହିତ୍ୟରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ॥

**ସିଂହ**
କାର୍ଯ୍ୟ ସଫଳତାରେ ଆନନ୍ଦ, ବନ୍ଧୁଙ୍କ ପ୍ରୋତ୍ସାହନ, ପୈତୃକ ସମ୍ପତିରେ ଟଣା ଓଟରା, ଭୁଲ କାମ କରିପାରନ୍ତି, ସାମାଜିକ ସମ୍ମାନ, ବନ୍ଧୁ ଦ୍ୱାରକୁ ଗମନ, ମିଥ୍ୟାଭିଯୋଗ ଆସିପାରେ, ଅଯାଚିତ ସହାୟତାପ୍ରାପ୍ତି, ସତ୍‌ସଙ୍ଗର ସୁଯୋଗ ॥

**କନ୍ୟା**
ଉପରିସ୍ଥଙ୍କ ପରାମର୍ଶ, ହିତୈଷୀଙ୍କ ସହଯୋଗ, ସ୍ଥଗିତ କର୍ମାରମ୍ଭ, ରାଜନୈତିକ ବିବାଦ, ପ୍ରକାଶନରେ ଦ୍ୱନ୍ଦ୍ୱ, କୈଫିୟତ୍ ଦେବାକୁ ପଡିପାରେ, ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ, ଲକ୍ଷ୍ୟହାସଲରେ ବାଧା, ସ୍ନେହଶ୍ରଦ୍ଧା ପାଇବେ, ଶୁଭ ଖବରରୁ ଖୁସି ହେବେ, ପୁରାଣ ପଠନ, ଲୋକ ସମ୍ପର୍କ ବୃଦ୍ଧି ॥

**ତୁଳା**
ଦୈହିକ ଦୁର୍ବଳତା, ସଭାସମିତିରେ ସଫଳତା, ସମ୍ମାନନୀୟଙ୍କ ସହାୟତା, ଶତ୍ରୁତାର ଅବସାନ, ଦୂରଯାତ୍ରା କରିପାରନ୍ତି, ଲେଖାପଢ଼ାରେ କୁଶଳ, ସତର୍କତା ଅଭାବରୁ ବିବାଦ, ଧାରକରଜ କରିବେ, କାର୍ଯ୍ୟବ୍ୟସ୍ତତାରୁ ଅନିଦ୍ରା, ସାମ୍ବାଦିକତାରେ ପ୍ରଂଶସା ॥

**ବିଛା**
ପାରିବାରିକ ବନ୍ଧୁମିଳନ, କର୍ମକ୍ଷେତ୍ରରେ ଦକ୍ଷତା, ସହକର୍ମୀଙ୍କ ଅନୁରକ୍ତି, ଆଶା ଅନୁରୂପ ଫଳ, ବନ୍ଧୁଙ୍କ ଛଳନାତ୍ମକ କଥା, ଯାନ୍ତ୍ରିକ ତ୍ରୁଟି, ଯାତ୍ରା ବିଳମ୍ବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ବ୍ୟବସାୟିକ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**ଧନୁ**
ମନ ଭାରାକ୍ରାନ୍ତ ରହିବ, ବନ୍ଧୁଙ୍କ ସ୍ୱାର୍ଥବାଦୀତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଅସଂଯତ କଥାରୁ କଳହ, ଉଚ୍ଚବର୍ଗଙ୍କଠାରୁ ସମାଲୋଚନା, ଶାରୀରିକ ଅସୁସ୍ଥତା, ଧର୍ମଚର୍ଚ୍ଚା ଦିଗକୁ ମନ, ପ୍ରିୟବନ୍ଧୁଙ୍କ ସାନ୍ନିଧ ଲାଭ, ଅବହେଳିତ କାର୍ଯ୍ୟ, କୈଫିୟତ ତଲବ ॥

**ମକର**
ଶୁଭଖବର ପ୍ରାପ୍ତି, ମୂଲ୍ୟବାନ ଦ୍ରବ୍ୟ ଲାଭ, ମତାନ୍ତରରୁ କଳହ, ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ଅଗ୍ରଗତିରେ ବାଧା, କାର୍ଯ୍ୟର ଶେଷ ପର୍ଯ୍ୟାୟ, ପରିବହନରେ ସମସ୍ୟା, ଭୁଲ୍‌ବୁଝାମଣାରୁ କଳହ, ବାଣିଜ୍ୟରେ ପ୍ରତିବନ୍ଧକ ॥

**କୁମ୍ଭ**
ସନ୍ଦେହରୁ ବିତର୍କ, ସନ୍ତାନଙ୍କ କୃତିତ୍ୱ, ସରକାରୀ ସହାୟତା, ସୁଯୋଗର ସଦ୍‌-ବ୍ୟବହାର, ନୂତନ ନିଯୁକ୍ତି, ସ୍ଥଗିତ କାର୍ଯ୍ୟାରମ୍ଭ, ନିଷ୍ପତି ବଦଳାଇବେ, ଅର୍ଥ ସଂକଟରୁ ମନସ୍ତାପ, ବିଶ୍ୱାସ କରି ହଇରାଣ, ସ୍ଥିରୀକୃତ ବନ୍ଧୁ ପ୍ରସ୍ତାବ, ଉନ୍ନୟନ କାମରେ ବାଧା ॥

**ମୀନ**
ଅହେତୁକ ଚିନ୍ତା, ମନ ଆନ୍ଦୋଳିତ ରହିବ, ସମ୍ପର୍କହାନୀରୁ ଅଶାନ୍ତି, ଅଧା ପନ୍ତରିଆ କାମ, ବ୍ୟୟ ବୃଦ୍ଧିର ଅନୁଚିନ୍ତା, ମାମୁଲି ଘଟଣାରେ ଉଚ୍ଚବାଚ, ବିବାଦୀୟ ପରିସ୍ଥିତିର ମୁକାବିଲା, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ଗୃହାରମ୍ଭରେ ଦ୍ୱନ୍ଦ୍ୱ, ସୀମା ବିବାଦର ସମାଧାନ, ଅନୁସନ୍ଧାନରେ ସଫଳତା, ସାମାଜିକ ସମ୍ମାନ।

# ଗୁଣକାରୀ ହଳଦୀ

**ଖା**ଦ୍ୟର ରଙ୍ଗ ଓ ସ୍ୱାଦ ବଢାଇବାରେ ହଳଦୀର ଭୂମିକା ଯଥେଷ୍ଟ ରହିଥାଏ। ତ୍ୱଚା ଜନିତ ଅନେକ ସମସ୍ୟାରୁ ବି ଏହା ମୁକ୍ତି ଦେଇଥାଏ। କେବଳ ସେତିକି ନୁହେଁ ବାସ୍ତୁଶାସ୍ତ୍ର ଅନୁଯାୟୀ ହଳଦୀର ଆହୁରି ଅନେକ ଉପକାରିତା ମଧ୍ୟ ରହିଛି। ଯେମିତିକି: ଘରର ବାହାର କାନ୍ଥରେ ହଳଦୀରେ ରେଖା ଟାଣିଲେ ଘର ମଧ୍ୟକୁ କୌଣସି ନକରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। କେବଳ ସେତିକି ନୁହେଁ, ପାଞ୍ଚଟି ହଳଦୀ ଖଣ୍ଡ ଓ ଗୋଟିଏ କଏନ୍‌କୁ ଏକାଠି କରି ହଳଦିଆ କପଡ଼ାରେ ବାନ୍ଧି ଘରର ପୂଜାସ୍ଥଳୀରେ ରଖିଲେ ଆର୍ଥିକ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ବୁଧବାର ଦିନ ମଥାରେ ହଳଦୀର ତିଳକ ଲଗାଇବା ମଧ୍ୟ ଶୁଭ ହୋଇଥାଏ। ଏହା ମନ ଓ ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷେ ଘରେ ହଳଦୀର ଗଛ ଲଗାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ। ଏହାଦ୍ୱାରା ସୁଖଶାନ୍ତି ବୃଦ୍ଧି ହେବା ସହିତ ଆର୍ଥିକ ସ୍ଥିତି ସୁଦୃଢ ହୁଏ



ବୋଲି ବିଶ୍ୱାସ ରହିଛି। ତା'ଛଡ଼ା ଗୁରୁବାର ଦିନ କଦଳୀ ଗଛ ମୂଳରେ ହଳଦୀ ପାଣି ଛିଞ୍ଚିଲେ କୁଆଡ଼େ ବିଗିଡ଼ି ଯାଇଥିବା କାମ ପୁଣି ସୁଧୁରି ଯାଇଥାଏ ବୋଲି ଲୋକବିଶ୍ୱାସ ଅଛି।

# ପାଠକୀୟ

✲ ଏମାନଙ୍କ ଆଗରେ ବୟସ ହାର୍ ମାନିଛି। ରୋଗ ଯନ୍ତ୍ରଣାକୁ ଖାତିର ନ କରି, ବୟସକୁ ଏଡ଼େଇଯାଇ ଏମିତି ସବୁ କାମ କରିଛନ୍ତି, ଯେଉଁଥିପାଇଁ ଲୋକମୁଖରେ ଏମାନେ ସୁପର୍ ଦାଦିର ପରିଚୟ ପାଇଛନ୍ତି। ତେଣୁ କେତେଜଣ ସୁପର୍ ଦାଦିଙ୍କର କାହାଣୀକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ବାସ୍ତୁ ଅନୁଯାୟୀ ଶୌଚାଳୟ', 'ଭୋଜନକୁ ନେଇ ନିୟମ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପୂର୍ଣ୍ଣିମା ତ୍ରିପାଠୀ, ଖଲ୍ଲିକୋଟ, ଗଞ୍ଜାମ*

✲ ଏମାନେ ଏମିତି ବୟସରେ ଅଛନ୍ତି, ଯେଉଁ ବୟସରେ ସାଧାରଣତଃ ଅନ୍ୟମାନେ ବୟସାଧିକ୍ୟ ଓ ଅସୁସ୍ଥତା ଭିତରେ ଛନ୍ଦି ହୋଇଯାଆନ୍ତି। କିନ୍ତୁ ଏମାନଙ୍କ ଆଗରେ ବୟସ ହାର୍ ମାନିଛି ଆଉ ଏମାନେ ଜଣେଜଣେ ସୁପର୍ ଦାଦିର ପରିଚୟ ପାଇଛନ୍ତି। ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ନିଆରା ଥିଲା। 'ପଥପ୍ରାନ୍ତେ ଭାଗ୍ୟ ଭବିଷ୍ୟତ' ପାଠଟି ବି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା।

*– ତମନ୍ନା ଦାଶ, ପୋଖରୀପୁଟ, ଭୁବନେଶ୍ୱର*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ମଞ୍ଚନାଟକ, ଟିଭି ଧାରାବାହିକ ଓ ସିନେମା ନିର୍ଦ୍ଦେଶକ ତଥା ଅଭିନେତା ଜିତେନ୍ଦ୍ର ପଟ୍ଟନାୟକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। 'ଆଖି' ଶୀର୍ଷକ ଗପ ଏବଂ 'ସେସବୁ ପରେ' ଓ 'ମହାନିଦ୍ରା' ଶୀର୍ଷକ କବିତା ଦୁଇଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। କଥାକାର ଲୋପାମୁଦ୍ରା ପରିଡ଼ାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା।


*– ସଞ୍ଜୁକ୍ତା ସ୍ୱାଇଁ, ନୟାଗଡ଼*

✲ତରୁଣ ଇଂରାଜୀ ଔପନ୍ୟାସିକ ଭୌମିକ ମହାନ୍ତିଙ୍କ ସଫଳତାର କାହାଣୀ ବେଶ୍ ମନଛୁଆଁ ହୋଇଥିଲା। 'ମା' ପାଇଁ ପୁଅ ଖୋଳିଲା କୂଅ' ପାଠଟି ପ୍ରେରଣାଦାୟୀ ଥିଲା। ମଡେଲ୍ ମିରର୍‌ରେ ସୁନିତା ସୁନ୍ଦରୀ ଲାଗୁଥିଲେ। ପବିତ୍ରସ୍ଥଳୀ ଜାଗେଶ୍ୱର ଧାମ ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିହେଲା। ଶାମ୍ପୁ ବିଷୟରେ ବହୁ ଉପାଦେୟ କଥା ବିବିଧା ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ରଶ୍ମିରଞ୍ଜନ ସାହୁ, ଭବାନିପାଟଣା*

✲ 'ବିଦଗ୍ଧ ଫଳ' ଶୀର୍ଷକ ବ୍ୟଙ୍ଗଟି ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କି-ବୋର୍ଡ ଫର୍ ଜ୍ୟାକେଟ୍', 'ଜୋତାର ମୂଲ୍ୟରେ କିଣିପାରିବେ ଘର', 'ଦାମୀ ବ୍ରେଡ୍' ଶୀର୍ଷକ ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ସହିତ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ଭବାନୀ ଶଙ୍କର ମହାନ୍ତି, ସୋର, ବାଲେଶ୍ୱର*




## ବିଶେଷ ଚିଠି

ଏଥରର ପ୍ରଚ୍ଛଦରେ ଥିଲା ସୁପର୍ ଦାଦି
ପ୍ରୋତ୍ସାହନ ଦେଉଥିଲା ଉଲ୍ଲସିତ କରୁଥିଲା
ଏଥିରେ ଉଲ୍ଲେଖ ଥିବା ପ୍ରତ୍ୟେକଟି ପଦି।
ସେହିପରି ନିଆରା ଲାଗୁଥିଲା ତୁମ
ସହରଠୁ ଦୂର, ସିନେମା ଓ ସୃଜନ
ତା'ସାଙ୍ଗକୁ ପୁଣି ବିବିଧାର ଲେଖାମାନ।
ସାଥୀର ଉତ୍ତର ବି ଲାଗୁଥିଲା ଚମତ୍କାର
ତାକୁ ପଢ଼ି ମନ ହେଉଥିଲା ବିଭୋର
ତେଣୁ ହେ ଛୁଟିଦିନ ତୁମକୁ ମୋ ନମସ୍କାର।

*– ଶୁଭ୍ରାଂଶୁ ଶେଖର ଦାଶ, ଲିଙ୍କ୍‌ରୋଡ୍, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ଦିବ୍ୟ ପୁଷ୍ପ

# କଦମ୍ବ

ସାକ୍ଷୀ ସେ ନଟଖଟ୍ କୃଷ୍ଣଙ୍କ ବାଲ୍ୟଲୀଳାର। ପୁଣି ସାକ୍ଷୀ ରାଧାକୃଷ୍ଣଙ୍କ ଅମର ପ୍ରେମର। ଶ୍ରୀହରିଙ୍କର ପ୍ରିୟ ସେ। ସେଥିପାଇଁ ତ ଲୋକେ କହନ୍ତି 'ହରିପ୍ରିୟା' । ପୁରାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ରହିଛି ଏହାର ସ୍ୱତନ୍ତ୍ରତା। ସେ ହେଉଛି ଦିବ୍ୟ କଦମ୍ବ...

ନିଦାଘ ତାତି ପରେ ଯେବେ ମୌସୁମୀର ପ୍ରଥମ ଛିଟା ଧରାବକ୍ଷରେ ପଡ଼େ ସେବେ ଫୁଟେ ଦିବ୍ୟ ପୁଷ୍ପ କଦମ୍ବ। ଆଉ ତା'ର ଦିବ୍ୟ ମନୋହର ମହକ ସାରା ପରିବେଶକୁ କରିଦିଏ ପ୍ରେମମୟ। ମନେ ପକାଇଦିଏ ରାଧାକୃଷ୍ଣଙ୍କର ସେଇ ଅମର ପ୍ରେମର ଗାଥାକୁ। ତା'ସହ ନବପଲ୍ଲବିତ କଦମ୍ବ ବୃକ୍ଷରାଜିରେ ଗାଁର ଦୃଶ୍ୟ ହୋଇ ଉଠେ ମନୋରମ। ଜନ୍ମାଷ୍ଟମୀ ହେଉ ଅବା ଖୁଦୁରୁକୁଣୀ ଆଗ ଖୋଜାପଡ଼େ ସୁବର୍ଣ୍ଣ ରଙ୍ଗର ଗୋଲ୍ ଗୋଲ୍ କଦମ୍ବ ଫୁଲର ସ୍ତବକ। ପୁରାଣଠୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ରହିଛି ଏହାର ମହତ୍ତ୍ୱ...

କଦମ୍ବ ଏକ ଚିରହରିତ ବୃକ୍ଷ। ତେବେ କେବଳ ଚତୁର୍ମାସ୍ୟା (ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ)ରେ ହିଁ ଫୁଟେ ଏହାର ଫୁଲ। ଏହା ଏକ ଦେଶଜ ବୃକ୍ଷ। ଭାରତର ପ୍ରାୟ ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳେ। ଏହାର ପତ୍ରଠୁ ଆରମ୍ଭ କରି ଚେର ପର୍ଯ୍ୟନ୍ତ ସବୁକିଛି ବହୁ ଦରକାରୀ।

**ନାମକରଣ ବୃତ୍ତାନ୍ତ:** ଏହି ଗଛର ନାମକରଣ କର୍ନାଟକର ପ୍ରଥମ ଶାସକ 'କଦମ୍ବା' ରାଜବଂଶ ଅନୁସାରେ ହୋଇଥିବା କୁହାଯାଏ। ଏହି ରାଜବଂଶ ସେତେବେଳେ ଉତ୍ତର କର୍ନାଟକ ଓ କୋଙ୍କଣକୁ ଏହାର ରାଜଧାନୀ ବନବାସୀଠାରୁ ଶାସନ କରୁଥିଲେ। କଦମ୍ବା ରାଜବଂଶର ସମସ୍ତେ କଦମ୍ବ ଫୁଲକୁ ଅତ୍ୟନ୍ତ ପବିତ୍ର ମନେ କରୁଥିଲେ। ତେଣୁ ଏହି ରାଜବଂଶର ନାମାନୁସାରେ ହିଁ ଏହାର ନାମ 'କଦମ୍ବ' ରଖାଯାଇଥିବା କୁହାଯାଏ। ତା'ସହ କଦମ୍ବା ବଂଶର ରାଜାମାନେ ପ୍ରତିବର୍ଷ ବସନ୍ତ ଉତ୍ସବ ଆୟୋଜନ କରୁଥିଲେ। ସେଥିପାଇଁ ଏବେ ବି ପ୍ରତିବର୍ଷ ବସନ୍ତ ଋତୁରେ କର୍ନାଟକ ସରକାର କଦମ୍ବା ରାଜବଂଶ ସମ୍ମାନାର୍ଥେ ବନବାସୀଠାରେ କଦମ୍ବ ଉତ୍ସବ ଆୟୋଜନ କରୁଛନ୍ତି। କହିବାକୁ ଗଲେ କର୍ନାଟକରେ କଦମ୍ବ ଫୁଲର ମାହାତ୍ମ୍ୟ ଖୁବ୍ ଅଧିକ।

ତେବେ କଦମ୍ବ ଫୁଲର ବୈଜ୍ଞାନିକ ନାମ ହେଉଛି ନିଓଲାମାର୍କିଆ କଦମ୍ବା। ଏହି ନାମ ଜର୍ମାନୀର ଜଣେ ପ୍ରକୃତି ପ୍ରେମୀଙ୍କ ନାମାନୁସାରେ କରାଯାଇଛି, ଯାହାଙ୍କ ନାମ ଥିଲା ଜିନ ବାପ୍‌ଟିଷ୍ଟ ଲାମାର୍କ। ତାଙ୍କରି ନାମାନୁସାରେ ହିଁ ଏହାର ନାମ ନିଓଲାମାର୍କିଆ କଦମ୍ବା ରଖାଯାଇଛି। ଏହି ଫୁଲ ଏସିଆ ମହାଦେଶର ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଦିଗରେ ବହୁଳ ଦେଖାଯାଏ। ଏହାବାଦ୍ ବାଂଲାଦେଶ, ମ୍ୟାନ୍‌ମାର, ନେପାଳ, ଶ୍ରୀଲଙ୍କା, କମ୍ବୋଡିଆ, ଫିଲିପାଇନ୍ସରେ ବି ମିଳେ।

**ଦିବ୍ୟ ପୁଷ୍ପ କଦମ୍ବ:** କଦମ୍ବ କହିଲେ ମନ ଭିତରେ ଆପେ ଯୋଡି ହୋଇଯାନ୍ତି ମୁରଲୀ ମନୋହର ଶ୍ରୀକୃଷ୍ଣ। କଦମ୍ବ ତ' ତାଙ୍କର ପ୍ରିୟ ପୁଷ୍ପ ଆଉ କଦମ୍ବ ବନ ତାଙ୍କର ପ୍ରିୟ ଲୀଳାସ୍ଥଳ। ସେଥିପାଇଁ କଦମ୍ବ ''ହରିପ୍ରିୟା'' ବୋଲାଏ। ହିନ୍ଦୁ ସନାତନ ଧର୍ମରେ ଯୁଗ ଯୁଗ ଧରି ଯମୁନା ନଦୀ, ଶ୍ରୀରାଧା, ଶ୍ରୀକୃଷ୍ଣ ଓ ତାଙ୍କ ବଂଶୀସ୍ୱନ ସହ କେଳି କଦମ୍ବ ଶାଶ୍ୱତ ପ୍ରେମର ପ୍ରତୀକ ରୂପେ ପ୍ରତିଭାତ। ସାହିତ୍ୟିକା **ସୁଷମା ପରିଜା** କୁହନ୍ତି, 'କୃଷ୍ଣଲୀଳାର ପ୍ରାୟ ସମସ୍ତ ଅଧ୍ୟାୟରେ କଦମ୍ବ ବୃକ୍ଷର ବର୍ଣ୍ଣନା ରହିଛି। ଯମୁନା ନଦୀକୂଳରେ ଗୋପାଳ ବାଳକଙ୍କ ସଙ୍ଗରେ ଖେଳିବା ହେଉ କି ଯମୁନାରେ ପ୍ରାତଃସ୍ନାନ କରୁଥିବା ଗୋପୀମାନଙ୍କ ବସ୍ତ୍ର ଚୋରି ହେଉ ବା କାଳୀୟ ଦଳନ ସମୟରେ କଦମ୍ବ ଡାଳରୁ ଲମ୍ଫ ପ୍ରଦାନ କରି କାଳୀୟ ନାଗର ଫଣା ଉପରେ ଠିଆ ହେବାର ଘଟଣା ଅଥବା କଦମ୍ବ ମୂଳରେ ଶ୍ରୀରାଧାଙ୍କ କୋଳରେ ମୁଣ୍ଡ ରଖି ବଂଶୀ ବଜାଇବା, ସବୁଥିରେ କଦମ୍ବର ଉପସ୍ଥିତି ତା'ର ଦିବ୍ୟତାକୁ ଦର୍ଶାଏ। କୁହାଯାଏ, ପ୍ରେମପାଗଳିନୀ ରାଧା ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଯମୁନା କୂଳର ସେହି କଦମ୍ବ ବୃକ୍ଷମୂଳରେ ପ୍ରତିଦିନ ଆସି ଅପେକ୍ଷା କରୁଥିଲେ ପ୍ରାଣପ୍ରିୟ କାହ୍ନୁଙ୍କର ଫେରିବା ବାଟକୁ। ଏହାବାଦ୍ ଶ୍ରୀକୃଷ୍ଣ ଗାଈ ଚରାଇବାକୁ ଗଲାବେଳେ ଗୋଧୂଳି ଲଗ୍ନରେ ଯେଉଁ କଦମ୍ବ ବୃକ୍ଷ ଉପରେ ବସି ବଂଶୀ ବଜାଇ ଗାଇମାନଙ୍କୁ ନିଜ ନିକଟକୁ ଡାକୁଥିଲେ ସେହି ବୃକ୍ଷ ଆଜି ବି ନନ୍ଦଗ୍ରାମଠାରୁ ଅଳ୍ପ କିଛି ଦୂରରେ ଥିବାର ବିଶ୍ୱାସ କରାଯାଏ। ଏହି ବୃକ୍ଷ 'ଟେର୍ କଦମ୍ବ' ନାମରେ ବହୁ ପ୍ରସିଦ୍ଧ। ବାମନ ପୁରାଣ କହେ କଦମ୍ବ ବୃକ୍ଷ କାମଦେବଙ୍କର କର କମଳରୁ ଜାତ। କାମଦେବ ପ୍ରେମର ଦେବତା। ତାଙ୍କ ଧନୁରେ ନାରାଚ ରୂପେ ସେ କଦମ୍ବକୁ ରଖିଥାନ୍ତି, ତେଣୁ ସେହି ତୀରର ସ୍ପର୍ଶ ମାତ୍ରେ ବାତାବରଣରେ କଦମ୍ବର ଆଗ ମହକ ଖେଳିଯାଏ ଏବଂ ପ୍ରାଣୀର ଶରୀରରେ ଶତ କଦମ୍ବର ରୋମାଞ୍ଚ ସୃଷ୍ଟି ହୋଇଥାଏ ବୋଲି କଥିତ ଅଛି। କଦମ୍ବ ଫୁଲର ସହସ୍ର ପାଖୁଡ଼ା ଏହା ମଧ୍ୟ ସୂଚାଇଥାଏ ଯେ, ଏକ ବ୍ରହ୍ମରୁ ଅନେକ ଜୀବାତ୍ମାର ସୃଷ୍ଟି। ଅନ୍ୟାନ୍ୟ ପୌରାଣିକ ଉପାଖ୍ୟାନରୁ ଜଣାଯାଏ, ଏକଦା ବିଷ୍ଣୁଙ୍କ ବାହନ ଗରୁଡ଼ ସ୍ୱର୍ଗରୁ ଅମୃତ ପାନ କରି ଫେରୁଥିବା ସମୟରେ ତାଙ୍କର ଚଞ୍ଚୁରୁ ବିନ୍ଦୁଏ ଅମୃତ ଆସି ପଡ଼ିଥିଲା କଦମ୍ବ ବୃକ୍ଷ ଉପରେ। ସେହି ଅମୃତ ପ୍ରଭାବରେ ସେହିଦିନରୁ କଦମ୍ବ ବୃକ୍ଷ ଚିରହରିତ୍ ହୋଇଗଲା। ଏହି ବୃକ୍ଷରୁ ନିର୍ଗତ ହେଉଥିବା ରସ (କାଦମ୍ବରୀ) ପ୍ରାଣୀର ଶରୀରରେ ମାଦକତା ଭରିଦିଏ। ଏହି କାଦମ୍ବରୀ ଥିଲା ଶେଷନାଗ ବଳରାମଙ୍କର ଅତି ପ୍ରିୟ ପାନୀୟ। ପୌରାଣିକ ତଥ୍ୟରୁ ମଧ୍ୟ ଜଣାଯାଏ ଯେ ମହାଭାରତ ଯୁଦ୍ଧ ପରେ ହସ୍ତିନା ପୁରରେ ଶାନ୍ତି ପ୍ରତିଷ୍ଠା କରି ମହାନାୟକ ଶ୍ରୀକୃଷ୍ଣ ଦ୍ୱାରକା ଫେରିବା ବେଳକୁ ଯାଦବ ବଂଶୀମାନେ କାଦମ୍ବରୀ ପାନକରି ଉନ୍ମତ୍ତ ହୋଇ ଏରକା ବଣ ଭିତରେ ପଶି ନିଜ ନିଜ ଭିତରେ ମରାମରି ହୋଇ ସମୂଳେ ନାଶ ହୋଇଥିଲେ ଏବଂ ସେହି ଦୁଃଖରେ ମ୍ରିୟମାଣ ହୋଇ ଶ୍ରୀକୃଷ୍ଣ ସମଗ୍ର ଦ୍ୱାରକା ନଗରୀକୁ ସାଗରଗର୍ଭରେ ଲୀନ କରି ଦେଇଥିଲେ। କଦମ୍ବ ବୃକ୍ଷ, କଦମ୍ବ ଫୁଲକୁ ନେଇ ଅନେକ କଥା, ଗାଥା ଏବଂ ଜନଶ୍ରୁତି ରହିଛି। ମହାକବି କାଳିଦାସଙ୍କ ରଚିତ ରଘୁବଂଶ ଏବଂ ମେଘଦୂତ ମହାକାବ୍ୟରେ ମଧ୍ୟ କଦମ୍ବ ବୃକ୍ଷ ଓ ଫୁଲର ବର୍ଣ୍ଣନା ରହିଛି। ପ୍ରକୃତରେ କହିବାକୁ ଗଲେ କଦମ୍ବ ଏକ ସ୍ୱର୍ଗୀୟ ପୁଷ୍ପ। ଆଧ୍ୟାତ୍ମିକ ପ୍ରବଚକ **ଶ୍ରୀ ସନ୍ନ୍ୟାସୀଜୀ** କୁହନ୍ତି, 'କଦମ୍ବ ବୃକ୍ଷ ସମ୍ପର୍କରେ ଭାଗବତ ପୁରାଣରେ ଉଲ୍ଲେଖ ରହିଛି। ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କର ଅଧିକାଂଶ ଲୀଳା ଏଇ ବୃକ୍ଷମୂଳେ ହିଁ ହୋଇଥିଲା। କହିବାକୁ ଗଲେ ଶ୍ରୀହରିଙ୍କର ଏହା ଅତି ପ୍ରିୟ। ଉତ୍ତର ଭାରତରେ ଏହା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଜଡ଼ିତ ଥିବାବେଳେ ଦକ୍ଷିଣରେ ଏହି ବୃକ୍ଷ ଦେବୀ ପାର୍ବତୀଙ୍କ ସହ ଜଡ଼ିତ। ମହିଷମର୍ଦ୍ଦିନୀ ସ୍ତୋତ୍ରମ୍

→









ଅନୁସାରେ– '..ଅୟି ଜଗଦମ୍ବ ମଦମ୍ବ କଦମ୍ବ ବନ ପ୍ରିୟ ଭାସିନୀ ହାସ ରତେ..'। ଅର୍ଥାତ୍ ଦେବୀ ପାର୍ବତୀ କଦମ୍ବ ବନରେ ରହିବାକୁ ବହୁତ ଭଲପାଆନ୍ତି। ସେଥିପାଇଁ ମା' ପାର୍ବତୀ 'କଦମ୍ବ ବନବାସିନୀ' ନାମରେ ବି ପରିଚିତ। ଏହାବାଦ୍ ଏହି ଗଛକୁ ଦେବୀ ପାର୍ବତୀଙ୍କ ବୃକ୍ଷ ବୋଲି କୁହାଯାଏ। ବୌଦ୍ଧ ଧର୍ମରେ ସୁମେଧା ବୁଦ୍ଧ ଏହି ବୃକ୍ଷ ତଳେ ବସି ଆତ୍ମ ସାକ୍ଷାତ୍କାର ପ୍ରାପ୍ତ କରିଥିଲେ। ବୈଷ୍ଣବ ସାହିତ୍ୟରେ ଏହି ଫୁଲକୁ ନେଇ ଅନେକ କବିତା ରଚନା କରାଯାଇଛି।'

**କଦମ୍ବ ବନମ୍‌ରୁ ମଦୁରାଇ:** ମଦୁରାଇର ପୁରାତନ ନାମ ହେଉଛି 'କଦମ୍ବ ବନମ୍'। କାରଣ ହିନ୍ଦୁ ପୌରାଣିକ କଥାନୁସାରେ ଚେନ୍ନାଇ ଦିନେ କଦମ୍ବ ଗଛରେ ପରିପୂର୍ଣ୍ଣ ଥିଲା। କୁହାଯାଏ, ଏଠାକାର କଦମ୍ବ ବନରେ ଦେବରାଜ ଇନ୍ଦ୍ର ପାପମୁକ୍ତ ହୋଇଥିଲେ। ଅର୍ଥାତ୍ ପୌରାଣିକ କଥାନୁସାରେ ରାକ୍ଷସୀ ବୃନ୍ଦାକୁ ଇନ୍ଦ୍ରଦେବ ହତ୍ୟା କରିଥିଲେ। ବୃନ୍ଦା ବ୍ରାହ୍ମଣୀ ଥିବାରୁ ଇନ୍ଦ୍ରଙ୍କୁ ଅଭିଶାପ ମିଳିଲା। ଆଉ ଶାପରୁ ମୁକ୍ତି ପାଇବା ଲାଗି ତାଙ୍କୁ ଏକ ବିକଳ୍ପ ଦିଆଯାଇଥିଲା। ତାହା ହେଉଛି ପାପମୁକ୍ତ ହେବା ଲାଗି ଇନ୍ଦ୍ରଙ୍କୁ ପୃଥିବୀର ସବୁଠାରୁ ପବିତ୍ର ସ୍ଥାନ ଖୋଜିବାକୁ ହେବ। କୁହାଯାଏ ଇନ୍ଦ୍ର ସାରା ପୃଥିବୀ ବୁଲିଲେ। ଆଉ ସେ ଅଭିଶାପରୁ ସେବେ ମୁକ୍ତ ହେଲେ ଯେବେ ଅନେକ କଦମ୍ବ ବୃକ୍ଷ ଥିବା ଏକ ଜାଗା ଦେଇ ଗଲେ। ସେଠାରେ ଲିଙ୍ଗ ଆକାରରେ ଭଗବାନ ଶିବ ମଧ୍ୟ ବିଶାଳ ବିଶାଳ କଦମ୍ବ ଗଛର ଛତ୍ର ତଳେ ଥିଲେ। ଯେଉଁଠାରେ ପରବର୍ତ୍ତୀ ସମୟରେ ଏକ ମନ୍ଦିର ନିର୍ମାଣ କରାଗଲା। ଏହି ମନ୍ଦିର ଏବେବି ଚେନ୍ନାଇରେ ଅଛି।

**କଦମ୍ବ ଗଛର ଔଷଧୀୟ ଗୁଣ:** ଆୟୁର୍ବେଦ ବିଶେଷଜ୍ଞ **ଡା. ତ୍ରୈଲୋକ୍ୟନାଥ ମହାରଣା** କୁହନ୍ତି,'ଆୟୁର୍ବେଦରେ କଦମ୍ବ ଗଛର ପତ୍ର, ପୁଷ୍ପ, ଫଳ, ଚେର, ଛାଲି ବା ବଲ୍କଳ ଆଦି ସମସ୍ତ ଦ୍ରବ୍ୟ ଅତ୍ୟନ୍ତ ଭାବେ ଔଷଧୀୟ ଗୁଣରେ ଭରପୂର। ଏହି ବୃକ୍ଷ ତ୍ରିଦୋଷ ନାଶକ। ଏହାର ପତ୍ର ରସ ଏବଂ ଛାଲିର କ୍ୱାଥ୍ କିମ୍ବା ଚୂର୍ଣ୍ଣ ଅତ୍ୟନ୍ତ କଟୁ, କଷାୟ, ତିକ୍ତ ଏବଂ ଏହା ଶୀତଳ ଗୁଣଯୁକ୍ତ। ତେଣୁ ଏହାକୁ ସେବନ କଲେ କଫ, ପିତ୍ତ, ଶୋଥ, କାଶ, ଦାହ ଆଦି ରୋଗ ଭଲ ହୁଏ। ମହର୍ଷି ଚରକ କଦମ୍ବ ଗଛର ଔଷଧୀୟ ଗୁଣ ସମ୍ପର୍କରେ ବିସ୍ତାରଭାବେ ବର୍ଣ୍ଣନା କରିଛନ୍ତି। ବିଭିନ୍ନ ବ୍ୟଥା, ଫୁଲା ଆଦି ସ୍ଥାନରେ ଏହାର ପତ୍ରର ପ୍ରଲେପ ଦେଲେ ତତ୍‌କ୍ଷଣାତ ଯନ୍ତ୍ରଣା ନିବାରଣ ହୋଇ ଫୁଲା କମିଯାଏ। ବହୁ ପୁରାତନ କାଳରୁ ଗାଈଗୋରୁ ଓ ଅନ୍ୟ ପ୍ରାଣୀଙ୍କ କ୍ଷତସ୍ଥାନରେ ଲୋକେ କଦମ୍ବ ପତ୍ର ସହିତ ହଳଦୀ ବାଟି ପ୍ରଲେପ ଦେଇ ସେମାନଙ୍କୁ ସୁସ୍ଥ କରୁଥିଲେ। କଦମ୍ବ ଗଛର ଫଳ ଦେଖିବାକୁ ଲେମ୍ବୁ ଆକୃତିର। ଏହା କଫ ନିବାରକ। ବିଭିନ୍ନ ପ୍ରକାର ସ୍ତ୍ରୀ ରୋଗ ପାଇଁ ମଧ୍ୟ ଏହା ଅମୋଘ ଔଷଧ। ନାକ, ପାଟି ଆଦିରୁ ରକ୍ତ ପ୍ରବାହ ହେଉଥିଲେ ସେଇ ସ୍ଥାନରେ କଦମ୍ବ ଫଳ, ସ୍ୱରସ ଅମୋଘ ଔଷଧ ଭାବେ କାର୍ଯ୍ୟ କରିଥାଏ। ଡାଇରିଆ ଭଲ କରିବାରେ ଏହାର ପତ୍ର, ଛାଲିର ସ୍ୱରସ ଅମୋଘ ଫଳ ଦେଇଥାଏ। ପ୍ରମେହ ବା ଡାଇବେଟିସ ରୋଗରେ କଦମ୍ବ ଗଛ ଛାଲିର ଚୂର୍ଣ୍ଣ ପ୍ରତ୍ୟେକ ଦିନ ସେବନ କଲେ ଆରୋଗ୍ୟ ମିଳେ। ଏହାର ଚୂର୍ଣ୍ଣ ପ୍ରତ୍ୟହ ସେବନ କଲେ ଓଜନ ହ୍ରାସ ପାଇ ମୋଟାପଣ ବା ଓବେସିଟି ଦୂର ହୋଇଥାଏ। କଦମ୍ବ ପତ୍ର କଷାୟ ଓ କଟୁ ଗୁଣଯୁକ୍ତ ହୋଇଥିବାରୁ ଶରୀର ମଧ୍ୟରେ ଥିବା ବିଭିନ୍ନ ପ୍ରକାର କୃମି ରୋଗରୁ ଆରୋଗ୍ୟ ମିଳିଥାଏ। ଆଲିଗୋ ସ୍ପେର୍ମିଆ ବା ଶରୀରରେ ଶୁକ୍ର କୀଟ ବୃଦ୍ଧିରେ ଏହାର ଚୂର୍ଣ୍ଣ ଗୁରୁତ୍ୱ ବହନ କରିଥାଏ। ବିଭିନ୍ନ ମୁଖ ଓ ଦାନ୍ତ ରୋଗ ଯେମିତିକି ଦାନ୍ତ ଦୁର୍ଗନ୍ଧ ବା ପାଇରିଆ, ଦାନ୍ତ ମୂଳରେ କ୍ଷତ, ପୂଯ, ରକ୍ତସ୍ରାବରେ କଦମଗଛର ପତ୍ର, ମୂଳ, ଛାଲିର ଉଷୁମ କ୍ୱାଥ୍ ସୁଫଳ ପ୍ରଦାନ କରିଥାଏ। କୌଣସି କାରଣରୁ ପରିସ୍ରା କରିବା ପରେ ଯନ୍ତ୍ରଣା ହେଲେ ଏହାକୁ ଦୂର କରିବା ଲାଗି ଏହାର ସର୍ବତ ପିଇପାରିବେ। ଗ୍ରୀଷ୍ମପ୍ରବାହ ଅବା ଅତ୍ୟଧିକ ଷ୍ଟ୍ରେସ୍ କାରଣରୁ ଆଖିରେ ଯନ୍ତ୍ରଣା ହେଲେ ଆଖି ବନ୍ଦକରି ତା'ଉପରେ କଦମ୍ବ ପତ୍ର ପକାଇଲେ ଉପଶମ ମିଳିଥାଏ। ଜ୍ୱର ରୋଗୀକୁ ପ୍ରବଳ ତୃଷା ବା ଶୋଷ ହେଉଥିବା ସମୟରେ କଦମ୍ବ ଫଳ ରସରେ ସାମାନ୍ୟ ଜିରା ଚୂର୍ଣ୍ଣ ଓ ମିଶ୍ରି ମିଶାଇ ପିଆଇବା ଦ୍ୱାରା ତୃଷ୍ଣା ମେଣ୍ଟିବା ସହ ଦୁର୍ବଳତା ବି ଦୂର ହୁଏ। ତେବେ ଏହାକୁ ବ୍ୟବହାର କରିବା ପୂର୍ବରୁ ଆୟୁର୍ବେଦ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନେବା ଜରୁରୀ।

**ଆର୍ଯ୍ୟଭଟ୍ଟ ଓ କଦମ୍ବ ଫୁଲ:** ଏକଦା ଜ୍ୟୋତିର୍ବିଦ ଆର୍ଯ୍ୟଭଟ୍ଟ ପୃଥିବୀକୁ କଦମ୍ବ ଫୁଲ ସହ ତୁଳନା କରିଥିଲେ। ସେ କହିଥିଲେ– ପୃଥିବୀ କଦମ୍ବ ଫୁଲ ପରି। କଦମ୍ବ ଫୁଲ ଗୋଲାକାର ହୋଇଥିଲେ ହେଁ ଯେଉଁଭଳି ଏହାର ଚାରିପଟେ ଥିବା ଶତ ଶତ କେଶର ଏଥିରୁ ଖସିପଡ଼ନ୍ତି ନାହିଁ, କାରଣ ପୁଷ୍ପର ମୂଳପିଣ୍ଡ କେଶର ବୃନ୍ତମାନଙ୍କୁ ଧରି ରଖିଥାଏ। ସେହିଭଳି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ପୃଥିବୀ ଚାରିପଟେ ଥିବା ଜୀବଜଗତକୁ ଧରି ରଖିଛି।

**ଡାକ ଟିକେଟରେ କଦମ୍ବ ଫୁଲ:** କଦମ୍ବ ଫୁଲର ପବିତ୍ରତା ଓ କଦମ୍ବ ଗଛର ବହୁବିଧ ମାହାତ୍ମ୍ୟ ଥିବାରୁ ୧୯୭୭ ମସିହାରେ ଭାରତୀୟ ଡାକ ବିଭାଗ ମଧ୍ୟ କଦମ୍ବ ଫୁଲକୁ ଡାକ ଟିକେଟରେ ସ୍ଥାନ ଦେଇଛନ୍ତି।

**ରାଜ୍ୟର ଜାତୀୟ ଚିହ୍ନ:** କଦମ୍ବକୁ ନେଇ ଏକ ରୋଚକ ଐତିହାସିକ କଥା ଅଛି। ବ୍ରିଟିଶ ଶାସନ କାଳରେ ଏହି କଦମ୍ବ ଫୁଲ ଏକଦା ଓଡ଼ିଶା ଆଠମଲ୍ଲିକର ଜାତୀୟ ଚିହ୍ନ ବି ଥିଲା।

**କବିର ଲେଖନୀରେ କଦମ୍ବ:** କଦମ୍ବ ଫୁଲର ଅନନ୍ୟ ସୌନ୍ଦର୍ଯ୍ୟ ଓ ମନ୍ତ୍ରମୁଗ୍ଧ ମହକ ଅନେକ ସମୟରେ ଆନମନା କରିଛି କବିଙ୍କୁ। ଆଉ ସେମାନଙ୍କ ଲେଖନୀରୁ ଝରିପଡିଛି ଅନେକ ରସସିକ୍ତ କବିତାର ଧାରା। ଯେମିତିକି ''ଚାହାଁ ଲୋ ସଜନୀ କେ' ସେ' କଦମ୍ବ ମୂଳେ..'' ''କଦମ୍ବ ବନେ ବଂଶୀ ବାଜିଲାରେ, ରାଧା ଦମ୍ଭ ଶିଖରୀ ଭାଜିଲାରେ.. ''।

**ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଡ. ଲିଙ୍ଗରାଜ ରଥଙ୍କ** ଲେଖନୀରୁ –

'ନିଦାଘ ତାତିକୁ ଶୀତଳାଇ ଯେବେ, ମଉସୁମୀ ଗଲା ଛୁଇଁ
ପ୍ରୀତିର କଦମ୍ବ ଫୁଟିଲା ମନରେ, ନବ ଶିହରଣ ଦେଇ
ଯମୁନା କୂଳରେ, କଦମ୍ବ ମୂଳରେ କହ୍ନେଇ ରାଧିକା ସାଥେ,
ରଚିଥିଲେ ପ୍ରୀତି ଏ ବରଷା କାଳେ, ଥିଲା ତ ମୁରଲୀ ହାତେ।
ଗଲାଣି ସେଦିନ..ଆଜି ବି କଦମ୍ବ କହେ ସେ ପ୍ରେମର କଥା।
ନିଖିଳ ମାନସ ହୁଏ ପୁଲକିତ ଶୁଣି ସେ ପୀରତି ଗାଥା।'

**ପ୍ରସିଦ୍ଧ ଗୀତିକାର ଗୌର ପଟ୍ଟନାୟକ** ଲେଖନ୍ତି–

କଦମ୍ବ ଫୁଲଟେ ହୋଇ ଫୁଟିବୁକି
ମନ ବଗିଚାରେ ମୋର,
କଦମ୍ବ ଫୁଲରେ ଶରଧା ବଳିଛି
ରୂପରେ ପାଗଳ ତା'ର।

କାହିଁ କେବେଠାରୁ କଦମ୍ବ ବୃକ୍ଷ ଆମ ପରମ୍ପରା, ସଂସ୍କୃତି ସହ ଜଡ଼ିତ ହୋଇ ରହି ଆସିଛି। ଏହାର ମହକ ସଭିଙ୍କ ମନ ମୋହୁଥିବା ବେଳେ ଏହାର ଔଷଧୀୟ ଗୁଣ ମଣିଷ ସମାଜକୁ ଆରୋଗ୍ୟ ପ୍ରଦାନ କରିଆସିଛି। ସେଥିପାଇଁ ତ ଏହାର ସ୍ଥାନ ସବୁବେଳେ ସ୍ୱତନ୍ତ୍ର ରହିଛି।

**–ଶିବାନୀ ମହାନ୍ତି**



## ଏବେ ବି ଅଛି ଗୋକୁଳର ସେଇ କଦମ୍ବ ବୃକ୍ଷ

ମଥୁରାର ଗୋକୁଳ ଗାଁରେ ୬୦୦୦ ବର୍ଷର ପୁରୁଣା ଏକ କଦମ୍ବ ବୃକ୍ଷ ଅଛି। ବିଶ୍ୱାସ କରାଯାଏ ଦିନେ ଏଇ କଦମ୍ବ ବୃକ୍ଷ ତଳେ ମା' ଯଶୋଦା ନିଜର ନଟଖଟ୍ ପୁତ୍ର ଶ୍ରୀକୃଷ୍ଣଙ୍କ ପାଟି ଭିତରେ ବିଶ୍ୱ ବ୍ରହ୍ମାଣ୍ଡ ଦର୍ଶନ କରିଥିଲେ। ତେଣୁ ଏହି ସ୍ଥାନ ଏବେବି କୃଷ୍ଣ ଭକ୍ତଙ୍କ ମନରେ ଭକ୍ତିର ଭାବ ଜାଗ୍ରତ କରାଏ। ଆଉ ଏହାର ପ୍ରତିଟି ସ୍ଥାନରେ ଭକ୍ତମାନେ ଶ୍ରୀକୃଷ୍ଣଙ୍କୁ ଅନୁଭବ କରନ୍ତି। ଏଠାକାର ବହୁ ପୁରାତନ କଦମ୍ବ ଗଛ ବି ତାଙ୍କ ଲୀଳାର ଏକ ଅଂଶ ଥିବା ବିଶ୍ୱାସ କରାଯାଉଥିବାରୁ ଭକ୍ତମାନେ ଏହାକୁ ସ୍ପର୍ଶ କଲେ ଦିବ୍ୟ ଅନୁଭୂତି ପାଆନ୍ତି। ଆଉ ବିଶ୍ୱାସ ରହିଛି ଯେ, ଏହା ଏକ ମନୋସ୍କାମନା ପୂରଣ କରୁଥିବା ବୃକ୍ଷ। ତେଣୁ ଭକ୍ତିଭାବରେ ଭକ୍ତମାନେ ଏଠାରେ ମାନସିକ କରନ୍ତି। ଗୋବର୍ଦ୍ଧନ ଓ ଭାଇଦୁଜ୍‌ରେ ଏଠାକୁ ଲକ୍ଷାଧିକ ଭକ୍ତ ଆସନ୍ତି ମନୋସ୍କାମନା କରିବା ପାଇଁ।



# ଲଟକନ୍ ଫ୍ୟାଶନ

**ଲଟକନ୍ ଯାହା ସିମ୍ପଲ ଦେଖାଯାଉଥିବା ବ୍ଲାଉଜ୍, ଲେହେଙ୍ଗା ଆଉ ସୁଟ୍‌ର ଗ୍ରେସ୍ ବଢାଇଦିଏ। ବିଶେଷକରି ବାହାଘର, ପୂଜାପର୍ବ ଆଦି ସମୟରେ ଯେଉଁ ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ପିନ୍ଧାଯାଏ, ତାହା ଦେଖିବାକୁ ସୁନ୍ଦର ଲାଗୁଥିଲେ ବି ଯଦି ସେଥିରେ ଲଟକନ୍ ଲଗାଇ ଦିଆଯାଏ, ତା'ହେଲେ ତାହାର ଆକର୍ଷଣ ଆହୁରି ବଢିଯାଏ। ତେବେ କେଉଁ ଆଉଟ୍‌ଫିଟ୍‌କୁ କେଉଁ ଲଟକନ୍ ଭଲ ମାନିଥାଏ ଜାଣନ୍ତୁ ସେ ସମ୍ପର୍କରେ...**











* **ସିତାରୋଁ ବାଲି ଲଟକନ୍:** ଆଜିକାଲି ଏହି ଟାଇପ୍ ଲଟକନ୍‌ର ବହୁତ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ମୁଖ୍ୟତଃ ହଳଦୀ ରସମ, ମେହେନ୍ଦି, ବାହାଘର ଭଳି ଦିନରେ ଶାଢିର ବ୍ଲାଉଜ୍‌ରେ ହେଉ ଅବା ଲେହେଙ୍ଗାରେ ଏହି ଡିଜାଇନ୍‌ର ଲଟକନ୍ ଲଗାଇ ଆକର୍ଷଣୀୟ ଲୁକ୍ ପାଇପାରିବେ।

* **ରୋଜ୍ ଡିଜାଇନ୍ ଲଟକନ୍:** ଏହା ଏକପ୍ରକାର ୟୁନିକ୍ ଡିଜାଇନ୍ ଲଟକନ୍। ବିଶେଷକରି ବ୍ରାଇଡାଲ୍ ବ୍ଲାଉଜ୍ ତଥା ଲେହେଙ୍ଗାରେ ଏହି ଟାଇପ୍‌ର ଲଟକନ୍ ଲଗାଇଲେ ଲୁକ୍ ଡିଫରେଣ୍ଟ ଲାଗିଥାଏ।

* **କଷ୍ଟମାଇଜ୍ ଲଟକନ୍:** ଏହି ଟାଇପ୍‌ର ଲଟକନ୍‌କୁ ବାହାଘର ଅବସରରେ ପିନ୍ଧିବାକୁ ଚାହୁଁଥିଲେ, ଏହାକୁ ବ୍ରାଇଡାଲ୍ ବ୍ଲାଉଜ୍ ହେଉ ଅବା ଲେହେଙ୍ଗାରେ ଲଗାଇ ସେଥିରେ ବର-କନ୍ୟାଙ୍କର ନାମ ଲେଖିବା ସହ ଆଉ କେତୋଟି ଟ୍ରେଣ୍ଡି ଲାଇନ୍ସ ବି ଲେଖିପାରିବେ।

* **ଜରକନ୍ ଲଟକନ୍:** ଏହା ଏକ ଲାଟେଷ୍ଟ ଷ୍ଟାଇଲ୍‌ର ଲଟକନ୍। ବିଶେଷକରି ସିଲଭର୍ କିମ୍ବା ଗୋଲ୍ଡେନ୍ କଲର୍‌ର ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ସାଙ୍ଗରେ ଏହି ଲଟକନ୍‌କୁ ପେୟାର୍ କଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ।

* **ମଲ୍ଟି ଲେୟାର୍ ଲଟକନ୍:** ଏହି ଟାଇପ୍‌ର ଲଟକନ୍‌କୁ ଯେ କୌଣସି ପ୍ରକାରର ୱେଡିଂ ଆଉଟ୍‌ଫିଟ୍ ସାଙ୍ଗରେ ଆରାମରେ ଟ୍ରାଏ କରିହୁଏ।

* **ଫ୍ଲୋରାଲ୍ ଡିଜାଇନ୍ ଲଟକନ୍:** ବାହାଘର, ପୂଜାପର୍ବ ଅବସରରେ ଯଦି ଫ୍ଲୋରାଲ୍ ଡିଜାଇନ୍‌ର କୌଣସି ଟ୍ରାଡିସନାଲ୍ ଆଉଟ୍‌ଫିଟ୍ ପିନ୍ଧୁଥାନ୍ତି, ତା'ହେଲେ ସେଥିରେ ଏହି ଫ୍ଲୋରାଲ୍ ଡିଜାଇନ୍‌ର ଲଟକନ୍ ଲଗାଇଲେ ଟିକେ ଡିଫରେଣ୍ଟ ଲୁକ୍ ମିଳେ।

* **ଥ୍ରେଡ୍ ଟାସେଲ୍ ଲଟକନ୍:** ଏହା ଏକ ପ୍ରକାର ଲାଇଟ୍ ୱେଟ୍‌ର ଲଟକନ୍। ଛୋଟ ହେଉ ଅବା ବଡ଼ ଅନେକ ପାଟର୍ନରେ ଏହା ମିଳିଥାଏ। ଏହି ଷ୍ଟାଇଲ୍‌ର ଲଟକନ୍‌କୁ ବ୍ଲାଉଜ୍‌ର ପଛପଟେ ହେଉ କିମ୍ବା ସ୍ଲିଭ୍ସରେ ବି ଲଗାଇହେବ। ସେହିପରି ସିଲ୍କ ଲେହେଙ୍ଗାରେ ବି ଏହି ଟାଇପ୍‌ର ଲଟକନ୍ ବେଶ୍ ଭଲ ମାନିଥାଏ।

* **ନେଟ୍ ଡିଜାଇନ୍ ଲଟକନ୍:** ମୁଖ୍ୟତଃ ପେଷ୍ଟାଲ୍ କଲର୍‌ର ଲେହେଙ୍ଗା ସହିତ ଏହି ଟାଇପ୍‌ର ଲଟକନ୍ ବେଶ୍ ସୁନ୍ଦର ଦେଖାଯାଇଥାଏ। ଆପଣ ଚାହିଁଲେ କଷ୍ଟମାଇଜ୍ କରି ଏହି ଲଟକନ୍‌ରେ ପର୍ଲ ହେଉ କିମ୍ବା ମୋତି ଲଗାଇବି ଭିନ୍ନ ଲୁକ୍ ପାଇପାରିବେ।

* **ମିରର୍ ୱାର୍କ ଲଟକନ୍:** ଆଜିକାଲି ଏହି ଟାଇପ୍ ଲଟକନ୍‌ର ବି ବେଶ୍ ଡିମାଣ୍ଡ ରହୁଥିବା ଦେଖିବାକୁ ମିଳୁଛି। ତେବେ ଏହି ମିରର୍ ୱାର୍କ ବାଲା ଲଟକନ୍‌କୁ ଯଦି ଲେହେଙ୍ଗାର ଅଣ୍ଟା ପାଖରେ ରଖିବାକୁ ଚାହୁଁଥାନ୍ତି, ତା'ହେଲେ ଲେୟାର୍ ଡିଜାଇନ୍‌ର ଡୋରି ଲଗାନ୍ତୁ। ଆଉ ଯଦି ଲେହେଙ୍ଗାର ବ୍ଲାଉଜ୍‌ରେ ଲଗାଉଥାନ୍ତି, ତା'ହେଲେ ଟିକେ କମ୍ ଓଜନର ମିରର୍ ୱାର୍କ ବାଲା ଲଟକନ୍ ଲଗାଇବେ ; ଯଦ୍ଦ୍ୱାରା ବେଶୀ ସମୟ ପର୍ଯ୍ୟନ୍ତ ଲେହେଙ୍ଗାକୁ କ୍ୟାରି କରିପାରିବେ।







# ପ୍ରତିଭାର ବିଭିନ୍ନ ଅଧ୍ୟାୟ

## କୁଞ୍ଜବିହାରୀ ଉପାଧ୍ୟାୟ





ପ୍ରକୃତିଦତ୍ତ ପ୍ରତିଭାକୁ ବହୁମୁଖୀ କରାଇବା ପାଇଁ ଆଉ ଏକ ବିଶେଷ ପ୍ରତିଭାର ଆବଶ୍ୟକତା ଥାଏ । ସେହି ପ୍ରତିଭା ଜଣେ ଗୁଣଗ୍ରାହୀ ମାର୍ଗଦର୍ଶକର ଥାଏ ; ଯେଉଁମାନେ ପରିଚିତିର ଦୁନିଆ ଆଡ଼କୁ ରାସ୍ତା ଦେଖାଉ ଦେଖାଉ ନିଜେ ରାସ୍ତା ପାଲଟିଯାଆନ୍ତି । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାମ କରି ସେ କ୍ଷେତ୍ରରେ ସିଦ୍ଧି ହାସଲ କରିବା ଅପେକ୍ଷା ସାଧାରଣରୁ ଅସାଧାରଣ କ୍ଷେତ୍ରରେ ନିଜ ପ୍ରତିଭା ବିନିଯୋଗ କରି ସାର୍ବଜନୀନ ମଙ୍ଗଳ କାମନା କରିବା ସେହି ପ୍ରତିଭାଧାରୀଙ୍କ କାମ ହୋଇଥାଏ । ବିଭିନ୍ନ ବୃତ୍ତିକୁ ବିଭିନ୍ନ କ୍ରମରେ ଆଦରି ତହିଁରେ ପାରଦର୍ଶିତା ଦେଖେଇବା ସହ ସେହି କ୍ଷେତ୍ରରେ ଅନେକଙ୍କୁ ପାରଦର୍ଶୀ କରେଇ ସ୍ୱାବଲମ୍ବୀ କରେଇବାରେ ସିଦ୍ଧହସ୍ତ ଏହି ବ୍ୟକ୍ତି ଜଣକ । ଚିକିତ୍ସାଠାରୁ ଶିକ୍ଷାଦାନ, ବାଲୁକା ଶିଳ୍ପଠାରୁ ଜାତକ ଅଧ୍ୟୟନ ପର୍ଯ୍ୟନ୍ତ ବ୍ୟାପ୍ତ ତାଙ୍କ କର୍ମର ପରିସର । ଓଡ଼ିଶାର କୋଣଅନୁକୋଣରେ ଆର୍ଥିକ ସ୍ତରରେ ଦୁର୍ବଳ ଥିବା ପିଲାମାନଙ୍କୁ ସଂସ୍କୃତ ଶିବିରରେ ପଢାଇବା, ରୋଗୀଙ୍କୁ ହୋମିଓପ୍ୟାଥିକ ଔଷଧ ଦେବା, ସଂସ୍କୃତ ଗ୍ରନ୍ଥର ଟିକା ଲେଖିବା, ପ୍ରବନ୍ଧ ରଚନା କରିବା, ସଙ୍ଗୀତ ପରିବେଷଣ କରିବା, ସରକାରଙ୍କଠାରୁ ଅଧିକାର ମାଗୁଥିବା ଧାଡ଼ିଙ୍କ ଆଗରେ ରହି ଶୃଙ୍ଖଳା ନିର୍ବାହ କରିବାର ବିଭିନ୍ନ କାର୍ଯ୍ୟ ସେ ଭଲରେ କରିପାରନ୍ତି । କାର୍ଯ୍ୟ କରିବାର ନିଷ୍ଠା, ଅଙ୍ଗୀକାରବଦ୍ଧତା ଏବଂ ପାଣ୍ଡିତ୍ୟ ତାଙ୍କୁ ଅନ୍ୟ ଅନେକଙ୍କଠାରୁ ଭିନ୍ନ ରଖେ । ଅନ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ସେ ଖୁବ୍ ମନଯୋଗୀ ହୋଇ କାର୍ଯ୍ୟ କରନ୍ତି । ଏକରେ ଅନେକ ସେ ବ୍ୟକ୍ତିଜଣକ ହେଉଛନ୍ତି **କୁଞ୍ଜବିହାରୀ ଉପାଧ୍ୟାୟ** ।

ପିତା ଦୟାନିଧି ଉପାଧ୍ୟାୟ, ମାତା ରୁକ୍ମଣୀ ଦେବୀଙ୍କ ପୁତ୍ର କୁଞ୍ଜବିହାରୀଙ୍କ ଜନ୍ମ ଗୁହିଆପାଳ ପୂର୍ବ ସିଂହ ଭୂମି, ଝାଡ଼ଖଣ୍ଡ ୨୨ ନଭେମ୍ବର ୧୯୫୫ ମସିହାରେ । ସାଧାରଣ ଭାବେ ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିବା ସହ କୁଞ୍ଜବିହାରୀ ଜେଜେ ବାପାଙ୍କଠାରୁ ନିୟମିତ ଭାବେ ବେଦ ଶିକ୍ଷା କରୁଥିଲେ । ଅଥର୍ବ ବେଦ ବିଲୁପ୍ତ ହେବାର ଦେଖି ଚାକିରି ପ୍ରତି ବୀତସ୍ପୃହ ହୋଇ ଅଥର୍ବ ବେଦକୁ ବଞ୍ଚାଇ ରଖିବା ସକାଶେ ଚେଷ୍ଟିତ ହେଲେ । କାଞ୍ଚିକାମ କୋଟି ମଠର ସ୍ୱାମୀ ଜୟେନ୍ଦ୍ର ସରସ୍ୱତୀଙ୍କ ମନୋନୟନ କ୍ରମେ ସର୍ବ ପ୍ରଥମେ ପୁରୀରେ ୧୫ଜଣ ଶିଷ୍ୟଙ୍କୁ ନେଇ ଏକ ଅଥର୍ବ ବେଦ ପାଠଶାଳା ସ୍ଥାପନ କରାଗଲା ; ଯେଉଁଥିରେ ସେ ପିଲାମାନଙ୍କୁ ଅଥର୍ବ ବେଦ ଶିକ୍ଷା ଦେଲେ । ଆଜି ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ରାଜ୍ୟରେ ଅଥର୍ବ ବେଦର ପାଠଶାଳା ଦେଖିବାକୁ ମିଳୁଛି । ଖାଲି ସେତିକି ନୁହେଁ, ପିଲାମାନଙ୍କର ପଢ଼ିବା ପାଇଁ ସୁବିଧା ନିମନ୍ତେ ଦୀର୍ଘ ୧୦ ବର୍ଷ ଲାଗି ୯୨୫ ପୃଷ୍ଠାର ଏକ ପୁସ୍ତକ 'ଅଥର୍ବ ବେଦ ପୈପ୍ପଲାଦ ସଂହିତା' ରଚନା କରିଛନ୍ତି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୬୫ ଖଣ୍ଡ ଗ୍ରାମରୁ ତାଳପତ୍ର ପୋଥି ସଂଗ୍ରହ କରିବାକୁ ତାଙ୍କୁ ଦୀର୍ଘ ୬ ବର୍ଷ ସମୟ ଲାଗିଥିଲା । ଦୀର୍ଘ ୧୦ ବର୍ଷ ପରେ ତାହା ପୁସ୍ତକ ଆକାରରେ ପ୍ରକାଶିତ ହୋଇ ବିଶ୍ୱ ସ୍ତରୀୟ ପ୍ରଶଂସାଭାଜନ ହୋଇପାରିଛି । ବର୍ତ୍ତମାନ ଭାରତ ବାହାରେ ହାଭାର୍ଡ ବିଶ୍ୱବିଦ୍ୟାଳୟ, ଯୁରିଜ ବିଶ୍ୱବିଦ୍ୟାଳୟ, ଲଣ୍ଡନ ବିଶ୍ୱବିଦ୍ୟାଳୟ, ଜର୍ମାନ, ଜାପାନ, ଆମେରିକା ତଥା ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସେହି ଗ୍ରନ୍ଥ ଉପରେ ଗବେଷଣା କରୁଛନ୍ତି ଏବଂ ହଲାଣ୍ଡର ଅର୍ଲ ଗ୍ରିଫିଷ୍ଟ , ଡେକାନ କଲେଜର ଶିଳ୍ପ ସୁମନ, ଇଂଲଣ୍ଡର ଖ୍ରୀଷ୍ଟା ମେୟର ବାସ୍ତିନାସାନା ପ୍ରମୁଖ ଶିକ୍ଷାର୍ଥୀ ସେହି ଗ୍ରନ୍ଥ ଉପରେ ଉଚ୍ଚତର ଗବେଷଣା କରି ଉପକୃତ ହୋଇଛନ୍ତି ।


ତାଙ୍କର କଠିନ ପରିଶ୍ରମର ଫଳ ସ୍ୱରୂପ ଓଡ଼ିଶାର ପୁରୀ, କଟକ, ସମ୍ବଲପୁର, ବାଲେଶ୍ୱର ପ୍ରଭୃତି ପ୍ରାୟ କୋଡ଼ିଏରୁ ଊର୍ଦ୍ଧ୍ୱ ଜିଲାରେ ଏବଂ ଭାରତର ଦିଲ୍ଲୀ, କଲିକତା, କର୍ନାଟକ, ତ୍ରିଚିନାପଲ୍ଲୀ ଆଦି ସ୍ଥାନରେ ଅଥର୍ବ ବେଦ ପାଠଶାଳା ସ୍ଥାପନ କରାଯାଇ ଅଥର୍ବ ବେଦରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହେଉଅଛି । ବର୍ତ୍ତମାନ ସେ ଅଥର୍ବ ବେଦର ପୈପ୍ପଲାଦ ଶାଖାର ଆଦି ଗୁରୁ ଭାବରେ ସର୍ବ ଭାରତୀୟ ସ୍ତରରେ ସୁପରିଚିତ ।

ସଫଳ ନାଟ୍ୟକାର, ସାମ୍ବାଦିକ, ପୁରୀର ସର୍ବ ପ୍ରଥମ ବାଲୁକାଶିଳ୍ପୀ, ଜ୍ୟୋତିର୍ବିଦ୍, ସୁଦକ୍ଷ ହୋମିଓପାଥି ଓ ଦକ୍ଷ ସାମାଜିକ କର୍ମୀ ଭାବରେ ପୁରୀ ସହରରେ ତାଙ୍କୁ ଜାଣନ୍ତି । ଛାତ୍ର ଭାବରେ, ଶିକ୍ଷକ ଭାବରେ, ସହକର୍ମୀ ଭାବରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷ ଯେଉଁମାନେ ଓଡ଼ିଶା, ଭାରତ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ସେମାନଙ୍କ ପାଖରେ କୁଞ୍ଜବିହାରୀ ଉପାଧ୍ୟାୟ ଜଣେ ନମସ୍ୟ ବ୍ୟକ୍ତିତ୍ୱ । ବିବିଧତା ତାଙ୍କ ବ୍ୟକ୍ତିତ୍ୱର ଆଧାର ।


**-ମାନମୟୀ ରଥ**

*ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ ମୋ:୭୯୭୮୫୭୯୩୧୯*











## ଘର

**-ପିନାକୀ ମିଶ୍ର**

ଦିଶୁନି
ଅଥଚ ବୁଝା ପଡୁଛି ବିଭେଦର ପାଚେରୀ ।
ବାପାଙ୍କ କପାଳରେ ରିବିରିବି ଝାଳ
ମାଆ ଶୂନ୍ୟକୁ ଅନେଇ ଛଳଛଳ ।
କେତେ ବଦଳିଗଲାଣି ପୁଅବୋହୂର ଘର
ନିଜ ସୁଖ ଖୋଜାରେ ସବୁ ଆଡମୁହାଁ,
ଯେ କଲା ସିଏ ନକଲା
ଧୂଆଁ ଉଠେ, ଜୁରୁଜୁରୁ କୁହୁଳେ ।
ବାହାହେଲା ପୁଅକୁ ବାପମା
କହିପାରନ୍ତିନି କିଛି,
ପୁଅର ମୁହଁ ଟେକା, ନିରସକଥା ।
ଚାରିପୁଅ, ଗୋଟେ ଚୂଲୀ
ଚୂଲୀର ଆୟୁଷ ବୋଧେ ଆଉ ବେଶୀ ନୁହେଁ,
ମାଆ ପାଖରେ କେହି ଦଣ୍ଡେ ତ ବସୁନି ।
ଥକିଥୁକା ଫେରିଲେ ପୁଅ
ଘରେ ଚାଲେ କାନଫୁସା
ଅଭିମାନ, ଅଭିଯୋଗ, ଅବାନ୍ତରକଥା
ପୁଅ ଭୁଲିଯାଏ
ବାପାଙ୍କ ବିଲକାମ, ରୁଅବନ୍ଧା, ମଇଖରା
ମାଆର ପଡିଶାଘର ମାଗିଅଣା ଲୁଣମନ୍ଥୁରା ।
ପୁରୁଣାଘର
ଏଯାଏଁ ହୁଗୁଳିନି ତାଟିକବାଟ,
ଦାଣ୍ଡଦୁଆର କାନ୍ଥରେ ବାପାଙ୍କ ଫଟୋ
ଜୁହାରୁଛି କିଏ ?
ଧୂଳି ଖାଉଛି ତ୍ୟାଗର ଅତୀତ,
ମାଆ କୁଞ୍ଚିଲାଆଖିରେ ଭାତ ଦଉଛି ବିଲେଇକୁ,
ଏଣେ ଆଧୁନିକା ନାରୀ
ଦର୍ପଣ ଆଗରେ ସ୍ୱପ୍ନର ମହଲ ଗଢୁଛି ।
ସବୁ ଯେଝା ମର୍ଜିରେ, ସଜନା ପତ୍ର ପାଚି ଝଡୁଛି,
କଳଙ୍କିଲଗା ବାକ୍ସରେ ପୂଜାପାଟଲୁଗା ରୁଖିଆ
ଖାଉଛି ,
ବୋଇତାଲୁ ଡଙ୍କ
ମଥାଣକୁ ଯିବ କ'ଣ ମାଟିମୁହାଁ ଢଳିଲାଣି,
ସଞ୍ଜ ସଳିତା ଅଧାରୁ ଲିଭିଗଲାଣି,
ମାଆର ଝଡସହଣି ଛାତିରେ ଅଚିହ୍ନା ଦରଜ ।

*-ଶୂନ୍ୟନୀଳ, ଚର୍ଚ୍ଚ ପାଖ, ଜେଲ୍ ରୋଡ୍,*
*କେନ୍ଦୁଝର -୧*
*ମୋ: ୯୪୩୮୧୧୮୩୯୭*



# ଚିଠି

**-ଶ୍ୱେତପଦ୍ମା ପାଢୀ**

ମୁଁ ମନେମନେ ବିରକ୍ତ ହେଉଥିଲି ମାମି କାହିଁକି ବୁଢ଼ୀ ହେଉଛି। ତା' ବୟସ କାହିଁକି ବଢ଼ିଗଲା ? ସେ ଏକୁଟିଆ କାହିଁକି ଆଉ କିଛି କାମ କରିପାରୁନି ? ସାନଭାଇ କହୁଛି, 'ବୁଝିଲୁ ନାନୀ ତୋ ବୟସ ବଢିବା ସହିତ ତୁ ଚିଡଚିଡା ହେଇଗଲୁଣି !' କେମିତି କାହାକୁ କହିବି ମୁଁ କାହିଁକି ବିରକ୍ତ ହେଉଛି । ମାସେ ପରେ ସବୁଦିନ ପାଇଁ ମାମି ଚାଲିଯିବ ସାନଭାଇ ପାଖକୁ। ସାଙ୍ଗରେ ନେଇଯିବ ସବୁକିଛି। ଜୀବନତମାମ ସାଉଁଟିଥିବା ସ୍ମୃତିକୁ ନିଜ ପଣତରେ ବାନ୍ଧି ନେଇଯିବ। ଭାଇଭଉଣୀ ମିଶି ଆଲମାରୀ, ପୁରୁଣା ସୁଟକେଶ, ଟ୍ରଙ୍କ ସବୁଆଡେ ଅଣ୍ଡାଳି ଚାଲିଛୁ । ସତରେ କ'ଣ ଗୋଟେ ସୁଟକେଶରେ ବାନ୍ଧି ହେଇଯିବ ଆମ ଶୈଶବ, କିଶୋର ଓ ପରିପକ୍ୱ ଦିନସବୁର କାହାଣୀ । ହଠାତ୍ ହାତରେ ପଡ଼ିଗଲା ବାପାଙ୍କ ଚିଠି ସବୁ । ମାମି ହଠାତ୍ କହିଲା, 'ଦିହେଁ ଯାକ ଗଣିଲ ବାପା କାହାକୁ ବେଶୀ ଚିଠି ଦେଇଛନ୍ତି ?'

କଲେଜରେ ପଢିଲା ବେଳେ ବାପାଙ୍କ ପୋଷ୍ଟିଙ୍ଗ ବିହାରରେ ଥିଲା। ଇଂରାଜୀ କହିବା ଲେଖିବା ଅଭ୍ୟାସ ହେବ ବୋଲି ବାପା ସବୁବେଳେ ଆମକୁ ଇଂରାଜୀରେ ଚିଠି ଲେଖୁଥିଲେ । ମୁଁ ମନେମନେ ଭାବୁଥିଲି ଆଜି ବାପା ଥିଲେ ପୁଣି କହିଥାନ୍ତି ଚିଠିଟିଏ ଲେଖ । ଏଥର କିନ୍ତୁ ଇଂରାଜୀରେ ନୁହଁ ଓଡ଼ିଆରେ ଲେଖ, ଯେମିତି ମାମି ପାଖକୁ ଓଡ଼ିଆରେ ଲେଖୁଥିଲ । ଇଚ୍ଛା ହେଉଥିଲା ପୁଣି ସେଇ ଅପାସୋରା ସ୍ମୃତି ସବୁ ଫେରି ଆସି ପାରନ୍ତା କି। ମୁଁ ପୁଣିଥରେ କିଶୋରୀଟିଏ ହେଇଯାଆନ୍ତି। ବାପା ପୁଣିଥରେ ଚିଠି ଲେଖି ପଠାନ୍ତେ। ଆଉ ଗୋଟେ ଜନ୍ମ ଚାହେଁ ମୁଁ; କେବଳ ବାପା ତୁମର ଚିଠିକୁ ଅପେକ୍ଷା କରିବା ପାଇଁ।

ସାନଭାଇ ମୁହଁ ଫୁଲେଇ କହିଲା, ''ଦେଖିଲ ମାମି ! ବାପା ନାନୀକୁ ବେଶୀ ଭଲ ପାଉଥିଲେ । ତାକୁ ହିଁ ଅଧିକା ଚିଠି ଲେଖିଛନ୍ତି ।'' ମାମି ଆଖି କୋଣରେ ଲୁହ ଜକେଇ ଆସିଥିଲା କାରଣ ଅଧିକା ଚିଠି ମାମି ନାଁରେ ହିଁ ଥିଲା ।

*-ପୁନେ, ମହାରାଷ୍ଟ୍ର*
*ମୋ: ୯୧୬୮୦୫୩୮୬୮*

## ରୂପାନ୍ତର

**-ସୁଶ୍ରୀ ହରପ୍ରିୟା ସାହୁ**

ନିଜକୁ ସଁବାଳୁଆ କରିଦେ
ପାଲଟିବୁ
ସୁନ୍ଦର ପ୍ରଜାପତି
ମନକୁ କାଦୁଅ ମେଞ୍ଚାଏ କରିଦେ
ହୋଇଯିବୁ
ସୁନ୍ଦର ସ୍ଥପତି ।

ଜୀବନକୁ
ଟାଙ୍ଗରା ପାହାଡ଼ କରିଦେ
ବିଧାତା ଛୁଇଁଦେବେ
ତୋର ଟାଆଁସିଆ ଦେହ
ବସନ୍ତ ଓହ୍ଲେଇ ଆସିବ
କୋଇଲିର କୁହୁ ଧରି
ପବନରେ ଦିଶୁଥିବ
ପ୍ରାର୍ଥନା ପ୍ରବାହ ।

*-ପଥୁରିଆ ସାହି*
*ପୁରୀ -୧*
*ମୋ: ୭୭୩୫୫୨୯୩୧୯*




କରୀନା

# ମିଳିଗଲା ଶୁଭ ଦିନ

ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କ ଖୁସି କହିଲେ ନ ସରେ। କାରଣ ଏକ ସତ୍ୟ ଘଟଣାକୁ ନେଇ ସେ ପ୍ରସ୍ତୁତ କରିଥିବା ସିନେମା 'ମାଇଣ୍ଡ ଗେମ୍'ର ରିଲିଜ ଡେଟ୍ ଶେଷରେ ଘୋଷଣା କରାଯାଇଛି। ଚିତ୍ରଟି ଆସନ୍ତା ମାସ ୬ରେ ପରଦା ଉପରକୁ ଆସିବ ବୋଲି ସେ ସୂଚନା ଦେଇଛନ୍ତି। ଆମ ରାଜ୍ୟରେ ଘଟିଥିବା ପାର୍ଶଲ ବୋମା ଘଟଣାକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏହି ବ୍ୟୟବହୁଳ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମନୋଜ ମିଶ୍ର। ତାଙ୍କ ବ୍ୟତୀତ ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣି, ଯଶପାଲ ଶର୍ମା, ତନକିଲ୍ଲା ଭର୍ଣ୍ଣିଙ୍କ ବ୍ୟତୀତ ଅନୁ ଚୌଧୁରୀ, ଚିନ୍ମୟ ମିଶ୍ର, ଅପସରା ରାଣୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ତେଲୁଗୁ ସିନେମାର ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ତଥା ଆଗଧାଡିର ଜଣାଶୁଣା ନିର୍ଦ୍ଦେଶକ ରାଜେଶ ଟଚରିଭର। ଫିଲ୍ମ ସମ୍ପର୍କରେ ଶ୍ରୀଧର କହନ୍ତି, 'ଏହି ଫିଲ୍ମଟି ନିର୍ମାଣ କରିବାକୁ ଯେତେବେଳେ ମୁଁ ଚିନ୍ତା କଲି ସେତେବେଳେ ଜାଣିଥିଲି ଯେ ଏହା ମୋ ପାଇଁ ଏକ ଚ୍ୟାଲେଞ୍ଜ। ତେଣୁ ଏ ନେଇ ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରିନେଇଥିଲି। ଯାହାହେଉ ସିନେମାଟି ଚଳିତ ବର୍ଷ ଅକ୍ଟୋବର ୬ରେ ରିଲିଜ ହେଉଛି। ଫିଲ୍ମଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଆଶା ରଖିଛି।' ତେବେ ଏହି ସିନେମା ପ୍ରେକ୍ଷାଳୟରେ କେତେ ବାଜିମାତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ।


'ମାଇଣ୍ଡ ଗେମ୍' ଚଳଚ୍ଚିତ୍ରରେ ଅତୁଲ-ମନୋଜ

# ସାରାଙ୍କ ମେକ୍‌ଅପ୍ କିଟ୍

ସୈଫ ତନୟା ସାରା ଅଲ୍ଲୀ ଖାଁ ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ସେ ଜିନିଷଟି କ'ଣ ଜାଣିବେନି ? ତାହା ହେଲା ମେକ୍‌ଅପ୍ କିଟ୍। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ଏ ନେଇ ସାରା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ।' ଆଉ ଏକ କଥା ପାଠ ପଢ଼ିବା ସମୟରେ ସାରାଙ୍କର ଇଚ୍ଛା ଥିଲା ଶିକ୍ଷକତା କରିବାକୁ। ତାହା ତ ହୋଇପାରିଲା ନାହିଁ। ତାକୁ ନେଇ ତାଙ୍କର ଅନୁଶୋଚନା ମଧ୍ୟ ନାହିଁ।' ସାରାଙ୍କ ବଲିଉଡ୍ ଏଣ୍ଟ୍ରି ହୋଇଥିଲା ୨୦୧୮ରେ ଆଉ ଚିତ୍ରଟିର ଟାଇଟଲ ଥିଲା 'କେଦାରନାଥ'। ଏହାପରେ ସେ 'ଶିମ୍ବା', 'ଲଭ୍ ଆଜ୍ କଲ୍', 'କୁଲି ନଂ ୱାନ', 'ଅତରଙ୍ଗୀ ରେ', 'ଗ୍ୟାସଲାଇଟ୍', 'ଜରା ହଟ୍‌କେ ଜରା ବଚ୍‌କେ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି। ଏବେ ତାଙ୍କ ହାତରେ ଆଉ ଦୁଇଟି ଅଫର ରହିଛି।


# ଦ କ୍ରିୟୁ

କରୀନା କପୁର ଏବେ ନିଜର ଆଗାମୀ ଫିଲ୍ମ 'ଦ କ୍ରିୟୁ'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଚିତ୍ରଟି ଆସନ୍ତା ବର୍ଷ ମାର୍ଚ୍ଚ ୨୨ରେ ପରଦା ଉପରକୁ ଆସିବ। ତେଣୁ ଏହି କେତୋଟି ମାସ ଭିତରେ ସିନେମାଟିକୁ କିପରି ଭଲ ଭାବରେ ପ୍ରମୋଶନ କରାଯାଇପାରିବ ସେ ନେଇ କେବଳ ପ୍ରଯୋଜନା ସଂସ୍ଥା ନୁହେଁ, କରୀନା ନିଜେ ମଧ୍ୟ ଅଣ୍ଟା ଭିଡିଛନ୍ତି। ଏ ନେଇ ସେ କହନ୍ତି, 'ଏହି ସିନେମାର କାହାଣୀ ଭିନ୍ନ ଧରଣର। ତେଣୁ ତାହାର ପ୍ରଚାର ପ୍ରସାର ଠିକ୍ ଭାବରେ କରାଯିବା ଦରକାର। ଏଥିରେ ଦର୍ଶକ ମୋତେ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମଟିର ଶୁଟିଂ ସମୟରେ ନିଜ ନିଜ ଭୂମିକା ପାଇଁ କଳାକାରମାନେ ବେଶ୍ ପରିଶ୍ରମ କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମରେ କରୀନାଙ୍କ ବ୍ୟତୀତ ତବ୍ବୁ, କ୍ରିତି ସାନନ୍, ରାଜ କୁମାର ରାଓ ଏବଂ କପିଲ ଶର୍ମା ଅଭିନୟ କରିଛନ୍ତି। ନିଧି ମେହେରା ଏବଂ ମେହୁଲ ସୁରୀ ଏହାର କାହାଣୀ ରଚନା କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୃଷ୍ଣନ। ବର୍ତ୍ତମାନ କରୀନା ପରିବାର ସହ ବିଦେଶରେ ଅଛନ୍ତି। ଆଉ ନିଜର ୪୩ତମ ଜନ୍ମଦିନକୁ ସେ ସେଠାରେ ପାଳନ କରିଛନ୍ତି।

# ଆଉ ଜଣେ ଷ୍ଟାର କିଡ୍

ଦେଓଲ ଫ୍ୟାମିଲିର ଆଉ ଜଣେ ସଦସ୍ୟ ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ସେ ହେଲେ ସନି ଦେଓଲଙ୍କ ସାନ ପୁଅ ରାଜବୀର। ନିର୍ମାଣାଧୀନ ହିନ୍ଦୀ ସିନେମା 'ଦୋନୋ'ରୁ ସେ ହିନ୍ଦୀ ସିନେମା ଡେବ୍ୟୁ କରୁଛନ୍ତି। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଉଥିବା ଅଭନିଶ ବରଜ୍ୟାତା ମଧ୍ୟ ନବାଗତ। ରାଜବୀରଙ୍କ ସମ୍ପର୍କରେ ସନି କହନ୍ତି, 'ଏହି ଫିଲ୍ମର କାହାଣୀ ଏକ ଟିନ୍ ଏଜ୍ ଲଭ ଷ୍ଟୋରୀ। ବଡ଼ ପୁଅ କରନ୍ ପରେ ସାନପୁଅ ରାଜବୀରର ଇଚ୍ଛା ଥିଲା ସେ କେମିତି ହିନ୍ଦୀ ସିନେମାରେ ଅଭିନୟ କରିବ। ତେଣୁ ତା' ପାଇଁ ଏକ ଭିନ୍ନ ଧରଣର ପ୍ରେମଭିତ୍ତିକ କାହାଣୀଟିଏ ଚଏସ କରିଥିଲି।' ସେପଟେ ନିଜର ବଡ ପରଦା କ୍ୟାରିୟରକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରାଜବୀର। ରାଜବୀର କୁହନ୍ତି, ''ଏସବୁ ସମ୍ଭବ ହୋଇଛି ମୋ ପାପାଙ୍କ ପାଇଁ। ଏହାବ୍ୟତୀତ ଜେଜେ (ଧର୍ମେନ୍ଦ୍ର)ଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ତାଙ୍କ ଅଭିନୀତ ସିନେମାଗୁଡିକୁ ଦେଖିବା ପରେ ମୁଁ ଆକ୍ଟିଂ ପ୍ରତି ଆକର୍ଷିତ ହୋଇଥିଲି। ଯାହାହେଉ ମୋ ସ୍ୱପ୍ନ ପୂରଣ ହୋଇଛି।'' ଏଥିରେ ରାଜବୀରଙ୍କ ନାୟିକା ସାଜିଛନ୍ତି ନବାଗତା ପାଲୋମା, ଯେକି ପୁନମ ଢିଲୋନଙ୍କ ଝିଅ। ତେବେ 'ଦୋନୋ' ରାଜବୀରଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଜାଣିବାକୁ ବାକି ରହିଲା।


ରାଜବୀରଙ୍କ ସହ ସନି


ସାରା


ଅନନ୍ୟା


ଦୀପିକା

# ଶାହରୁଖ ହିଁ ବେଷ୍ଟ

ଅଟଲି କୁମାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ସିନେମା 'ଜୱାନ' ବକ୍ସ ଅଫିସରେ ଆଶାତୀତ ବିଜନେସ କରିଚାଲିଛି। ଏହି ଫିଲ୍ମଟିକୁ ଦେଖିବା ପରେ ଦୀପିକା ଏହାର ଟାଇଟଲ ଭୂମିକାରେ ଅଭିନୟ କରିଥିବା ଶାହରୁଖ ଖାଁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଏ ବିଷୟରେ ସେ କହନ୍ତି, 'ଶାହରୁଖ ଅଭିନୟରେ କେତେ ଦକ୍ଷ ତାହା କହିବା ଅନାବଶ୍ୟକ। ତାଙ୍କ ସହ ମୁଁ 'ଓମ୍ ଶାନ୍ତି ଓମ୍', 'ଚେନ୍ନାଇ ଏକ୍ସପ୍ରେସ' ଏବଂ 'ହାପି ନ୍ୟୁ ଇୟର'ରେ ଅଭିନୟ କରିସାରିଛି। 'ଜୱାନ' ଦେଖିବା ପରେ ତାଙ୍କୁ ପ୍ରଶଂସା କରିବାକୁ ମୋ ନିକଟରେ ଭାଷା ନାହିଁ। ଏକଥା ମୁଁ ଦୃଢ଼ ସ୍ୱରରେ କହିବି ଯେ, ଏହି ରୋଲ୍ ପାଇଁ ଶାହରୁଖ ହିଁ ବେଷ୍ଟ।' ବର୍ତ୍ତମାନ ଦୀପିକା ହାଇଦ୍ରାବାଦରେ ନିଜର ନୂଆ ସିନେମା 'ପ୍ରୋଜେକ୍ଟ କେ', ଯାହାର ନୂଆ ଟାଇଟଲ୍ 'କଳ୍କି ୨୮୯୮-ଏଡି' ଦିଆଯାଇଛି, ତା'ର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି। ନିକଟରେ ଶୁଟିଂ ସେଟ୍‌କୁ ଆସିବାକୁ ଶାହରୁଖଙ୍କୁ ନିମନ୍ତ୍ରଣ ମଧ୍ୟ କରିଥିଲେ ଦୀପିକା। ଆଉ ତାହାକୁ ରକ୍ଷା କରି ଶାହରୁଖ ସେଠାରେ ପହଞ୍ଚିଥିଲେ। 'କଳ୍କି ୨୮୯୮-ଏଡି' ଫିଲ୍ମଟି ଉଭୟ ହିନ୍ଦୀ ଏବଂ ତେଲୁଗୁ ଭାଷାରେ ନିର୍ମାଣ କରାଯାଉଛି। ଅଶ୍ୱିନୀ ଦତ୍ତଙ୍କ ପ୍ରଯୋଜିତ ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ନାଗ ଅଶ୍ୱିନୀ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ସନ୍ତୋଷ ନାରାୟନନ୍। ୬୦୦ କୋଟି ବ୍ୟୟରେ ପ୍ରସ୍ତୁତ ଏହି ଫିଲ୍ମରେ ଦୀପିକାଙ୍କ ବ୍ୟତୀତ ପ୍ରଭାସ ଏବଂ ଅମିତାଭ ବଚ୍ଚନ ମଧ୍ୟ ଅଭିନୟ କରୁଛନ୍ତି। ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ଏହା ରିଲିଜ ହେବାର ଯୋଜନା ରହିଛି।

# ଏକାଥରେ ହ୍ୟାଟ୍ରିକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ନୂଆ ବ୍ୟାନର ହେଲେ କ'ଣ ହେଲା ତାଙ୍କ ଉପରେ ଭରଷା ରଖି ଏକାଥରେ ତିନୋଟି ସିନେମାରେ ନାୟିକା ସାଜିବାକୁ ତାଙ୍କୁ ସାଇନ୍ କରାଯାଇଛି। ଆଉ ହଠାତ୍ ଏଭଳି ସୁଯୋଗ ପାଇବା ପରେ ଖୁସିରେ ଉଚ୍ଛୁଳୁଛନ୍ତି ଏହି ଅଭିନେତ୍ରୀ। ସେ କିଏ ଜାଣନ୍ତି ? ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଜଣେ ନବାଗତ ପ୍ରଯୋଜକ ନିକଟରେ ତାଙ୍କୁ ଏକାଥରେ ତିନୋଟି ସିନେମା ପାଇଁ ଚୁକ୍ତିବଦ୍ଧ କରାଇଛନ୍ତି। ହେଲେ ସେହି ତିନୋଟି ମଧ୍ୟରୁ ଗୋଟିଏ ସିନେମାର କାହାଣୀରେ କିଛି ପରିବର୍ତ୍ତନ କରିବାକୁ ମତ ରଖିଥିଲେ ଅନନ୍ୟା। ଯାହାହେଉ ପ୍ରଯୋଜକଙ୍କ ସହ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏହାର କାହାଣୀରେ କିଛି ଇମୋଶନାଲ ଦୃଶ୍ୟ ଅଧିକ ରଖିବାକୁ ମୁଁ ପରାମର୍ଶ ଦେଇଥିଲି। ଶେଷରେ ମୋ କଥାକୁ ସେ ରଖିଛନ୍ତି। ଏହି ତିନି ସିନେମାର ପ୍ରାରମ୍ଭିକ କାମ ଏକାଥରେ ଚାଲିଛି ଏବଂ କାହାର ଟାଇଟଲ ଫାଇନାଲ ହୋଇନାହିଁ।' ତେବେ ଏଭଳି ଅଫର ଅନନ୍ୟାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଆଗକୁ ଜଣାପଡିବ।

ପ୍ରଥମ ରୋଜଗାର



କବି ସୁଜାତା ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦଶ ଟଙ୍କା ପାଇ ବେଶ୍ ଖୁସି ଥିଲା ମୋ ରିକ୍ସା ଚାଳକ

୧୯୮୬ ମସିହାର କଥା । ଏମ୍.ଏ. ସରିଥାଏ । ଫଳାଫଳ ପ୍ରକାଶ ପାଇ ନ ଥାଏ ତେଣୁ ଘରେ ଥାଏ । ଫାଙ୍କା ଥାଏ । ସାମଲ ମଉସା ଯିଏ କି ଆମ ପରିବାରର ଜଣେ ଶୁଭାକାଂକ୍ଷୀ, ବାପାଙ୍କ ସହ କଥା ପ୍ରସଙ୍ଗରେ ପାଖରେ ଥିବା ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ମୁଁ ଶିକ୍ଷୟିତ୍ରୀ ଭାବରେ ଚାକିରି କରିବାର ପ୍ରସ୍ତାବ ଦେଲେ । ବାପା ହଁ କରିଦେଲେ । ବାପାଙ୍କ କଥା ରକ୍ଷାକରି ମୁଁ ସେହି ସ୍କୁଲରେ ଯୋଗଦେଲି । ମାସିକ ଦରମା ଥିଲା ତିନିଶହ ଟଙ୍କା । ପଇସାର ଆକର୍ଷଣ ମୋ ପାଇଁ ନ ଥିଲା କି ସେ ବିଦ୍ୟାଳୟ ହଷ୍ଟେଲରେ ରହିବାକୁ ବି ଭଲ ଲାଗୁ ନ ଥିଲା । କାରଣ ଭାରତୀୟ ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବାରୁ ବିଦ୍ୟାଳୟର ସେହି ଗହଳି ପରିବେଶ ମୋତେ ମୋ ପ୍ରସ୍ତୁତି ପାଇଁ ଅନୁକୂଳ ଲାଗୁ ନ ଥିଲା । ତଥାପି କାମ କରିବ ତ ଶହେ ଭାଗ ଢାଳି ହୋଇ କରିବ ବୋଲି ପିଲାବେଳୁ ଶିଖିଥିଲି, ତେଣୁ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ନିଷ୍ଠାର ସହ କରୁଥିଲି, ଯେଉଁଥିପାଇଁ ମୋତେ ନିଜ ପାଠପଢ଼ା ସକାଶେ ସମୟ ମିଳୁ ନ ଥିଲା । ରାତିରେ ପିଲାଙ୍କୁ ପଢ଼େଇବାକୁ ହେଉଥିଲା । ତେଣୁ ସମସ୍ତେ ମୋତେ ବହୁତ ଭଲ ପାଉଥିଲେ ଆଉ ମୋ କାମକୁ ଗୁରୁତ୍ୱ ଦେଉଥିଲେ । ତା'ଛଡ଼ା ମୋ ବାପାଙ୍କର ଖୁବ୍ ଖ୍ୟାତି ଥିଲା ଆଖପାଖ ଅଞ୍ଚଳରେ । ଲୋକମାନେ ଖୁବ୍ ମାନୁଥିଲେ ତାଙ୍କୁ । ମୁଁ ବାପାଙ୍କ ନାଁକୁ ବ୍ୟବହାର କରି କେବେ ନିଜର ପରିଚୟ ତିଆରି କରିବାକୁ ଚାହୁଁ ନ ଥିଲି । କିନ୍ତୁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ସେହି ମର୍ଯ୍ୟାଦା ଟିକକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିଥିଲା । ରେଭେନ୍ସାରୁ ପାଠପଢ଼ି ଆସିଥିବା ଲକ୍ଷ୍ମଣ ସାର୍‌ଙ୍କ ଝିଅ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି ମାନେ ସ୍କୁଲ ଖୁବ୍ ଭଲ ହୋଇଥିବ ବୋଲି ଲୋକଙ୍କର ଧାରଣା ବି ବଦଳିଗଲା । ତେଣୁ ସମସ୍ତେ ମୋତେ ଖୁବ୍ ଭଲ ପାଉଥିଲେ । ସେଥିପାଇଁ ଚାକିରି ଛାଡ଼ିବା କଥା କାହାକୁ ଖୋଲି କହି ପାରୁ ନ ଥିଲି । କ'ଣ କହି ଚାକିରି ଛାଡ଼ିବି ବୋଲି ବି ଭାବି ପାରୁ ନ ଥିଲି । ସେ ଯାହା ବି ହେଉ ପିଲା ଏବଂ ସହକର୍ମୀଙ୍କ ସହ ମୋର ସମୟ ଭଲରେ କଟୁଥିଲା । ମାସ ଶେଷ ହେଲା । ପରବର୍ତ୍ତୀ ମାସର ପ୍ରଥମ ସପ୍ତାହରେ ପ୍ରଧାନଶିକ୍ଷକ ଖାମ୍‌ରେ ଦରମା ଆକାରରେ ୩ଶହ ଟଙ୍କା ବଢ଼େଇ ଦେଲେ । ପଇସା ପ୍ରତି ମୋର କେବେ ଲୋଭ ନ ଥିଲା ସତ, ହେଲେ ପ୍ରଥମ ରୋଜଗାରର ଅନୁଭବ ମୋତେ ବହୁତ ଆନନ୍ଦ ଦେଇଥିଲା । ପ୍ରଥମେ ଖାଇବା ଖର୍ଚ୍ଚ ବାବଦେ ହଷ୍ଟେଲରେ ଶହେ ଟଙ୍କା ଦେଇଦେଲି । ତା'ପରେ ଦୁଇଶହ ଟଙ୍କା ଧରି ଖୁସିରେ ଘର ଅଭିମୁଖେ ବାହାରିଲି । ହେଲେ ଘରକୁ ନ ଯାଇ ଆଗେ ବଜାରକୁ ଗଲି ଆଉ ଗୁଜୁରାଟି ମିକ୍ସଚର୍‌ରୁ ଗୋଟେ କେଜି, କିଛି ମିଠା ଓ ବାପାଙ୍କ ପାଇଁ ଓଡ଼ିଶା ହ୍ୟାଣ୍ଡଲୁମ୍‌ରୁ ଗୋଟେ ବେଡ୍‌ଶିଟ୍ କିଣିଲି । ଏତେ ସବୁ କିଣାକିଣି ପରେ ବି କୋଡ଼ିଏ ଟଙ୍କା ବଳିଥିଲା ; ଯେଉଁଥିରୁ ୧୦ଟଙ୍କା ମୋତେ କଲେଜ ଯିବା ସମୟରେ ଯେଉଁ ରିକ୍ସାବାଲା ନେଉଥିଲା, ତା'ହାତରେ ଗୁଞ୍ଜି ଦେଲି । ସେ ଭାରି ଖୁସି ହେଲା । କାରଣ ଦେଢ଼ ଟଙ୍କା ଜାଗାରେ ସେ ଦଶ ଟଙ୍କା ପାଇଲା । ତା'ପରେ ଘରକୁ ଯାଇ ବାପାଙ୍କୁ ତାଙ୍କ ଉପହାର ଦେଲି । ସେ ଭାରି ଖୁସି ହେଲେ କାରଣ ବେଡ୍‌ଶିଟ୍‌ଟି ତାଙ୍କ ଖଟ ମାପର ଥିଲା ଆଉ ଖୁବ୍ ସୁନ୍ଦର ଦେଖାଯାଉଥିଲା ବୋଲି । କିନ୍ତୁ ମା' ଏତେ ସବୁ ଖର୍ଚ୍ଚ କରି ଆସିଥିବାରୁ ବିରକ୍ତ ହେଲା । ତେବେ ସେ ଯାହା ହେଉ, ପ୍ରଥମ ରୋଜଗାରର ପୁଲକ ଲେଖୁ ଲେଖୁ ସେସବୁ ଦିନର ସ୍ମୃତି କେତେ ମଧୁର ଥିଲା ଆଜି ପୁଣିଥରେ ଅନୁଭବ କରୁଛି ।

---

# ଫୁଲେଇ ରାଧିକା ସପନ ରାଣୀ, ନିମିଷକେ ନେଲା ମନକୁ କିଣି

ସାଥୀ

**ପ୍ରଶ୍ନ**–ସବୁବେଳେ ମୋ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସୁଛି । ତା' କଥା ଭାବି ଭାବି ଦିନ ବିତି ଯାଉଛି । ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ । କ'ଣ କରିବି ? *–ପ୍ରମୋଦ କୁମାର, ଯାଜପୁର*

**ଉତ୍ତର :** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ । କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ । ପ୍ରଥମ କଥା ହେଲା ଯିଏ ଆପଣଙ୍କ ସ୍ୱପ୍ନରେ ସବୁବେଳେ ଆସୁଛି ଆପଣଙ୍କ ମନ ତା' ପାଖରେ ଏବେ ବନ୍ଧା ପଡିଯାଇଛି । 'ଫୁଲେଇ ରାଧିକା ସପନ ରାଣୀ, ନିମିଷକେ ନେଲା ମନକୁ କିଣି ।' ଅନ୍ୟପକ୍ଷରେ ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ । ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ । ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*–ବିସ୍ମୟ ରାଉତ, ଢେଙ୍କାନାଳ*

**ଉତ୍ତର :** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ । ଆଉ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି । ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ । ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି । ଏ ନେଇ ଆଗେଇବା ଠିକ୍ ହେବ ତ ? *–ଅବିନାଶ ସାହୁ, କଟକ*

**ଉତ୍ତର:** ସତରେ ପ୍ରଥମ ପ୍ରେମକୁ ଭୁଲିବା ଏତେ ସହଜ ନୁହେଁ । ଦେଖୁନାହାନ୍ତି, ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ହେଲେ ଆପଣ ତାଙ୍କୁ ମନରୁ ପୋଛି ଦେବାକୁ ନାରାଜ । ତେବେ ଆଉ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକଅପ କରିସାରିଲେଣି । ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ । ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ । ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ । ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ । ଯଦି ମନ ହୋଇଛି, ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ । ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ? *–ସୁଧୀର ଦାସ, ରାଉରକେଲା*

**ଉତ୍ତର :** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ । ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା । ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ । ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି । କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି' । ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି । ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି । ହେଲେ କହୁନି କାହିଁକି ?

*–ଆଶୁତୋଷ, ଖୋର୍ଦ୍ଧା*

**ଉତ୍ତର :** ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ । ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା । ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !





# ଚିତ୍ର ଦେଉଛି ଆତ୍ମସନ୍ତୋଷ

**ବୋଉର ଝୋଟି ଦେଖି ଦେଖି ଆତ୍ମବିଭୋର ହେଉଥିବା ଜୟଶ୍ରୀ ଜେନା ପରବର୍ତ୍ତୀ ସମୟରେ ଜଣେ ଚିତ୍ର ଶିଳ୍ପୀ ହେବାର ସ୍ୱପ୍ନ ଦେଖନ୍ତି। ଆଉ ଏହି ସ୍ୱପ୍ନ ପରବର୍ତ୍ତୀ ସମୟରେ ତାଙ୍କ ପରିଚୟ ପାଲଟିଯାଏ..**

ଚିତ୍ରରେ ଦିଅନ୍ତି ସେ ଶାନ୍ତି, ପ୍ରେମ ଓ ସମାଜ ସଂସ୍କାରର ବାର୍ତ୍ତା। ସେ ହେଲେ ଚିତ୍ରଶିଳ୍ପୀ ତଥା କଳା ଶିକ୍ଷୟିତ୍ରୀ **ଜୟଶ୍ରୀ ଜେନା**। ଜନ୍ମ ୨।୬।୧୯୮୪ରେ। ପିତା କୃଷ୍ଣଚନ୍ଦ୍ର ଜେନା, ମାତା ଲିଲି ଜେନା। ଘର ପୁରୀ ଜିଲା ପିପିଲି ଅଞ୍ଚଳର ମଧୁପୁର ଗାଁରେ । ସେ କୁହନ୍ତି, ଘରେ ମା' ମାଣବସା ସମୟରେ ସୁନ୍ଦର ସୁନ୍ଦର ଝୋଟି ପକାଉଥିବାର ଦେଖି ଖୁସି ଲାଗୁଥିଲା। ଆଉ ମୁଁ ନିଜେ ଝୋଟି ପକାଇବାକୁ ଚେଷ୍ଟା କରୁଥିଲି। ଆଉ ସ୍କୁଲରେ ପଢିବାବେଳେ ଯାହା ଖାତାପତ୍ର ପାଉଥିଲି ଚିତ୍ର କରୁଥିଲି। ୨୦୦୪ ମସିହାରେ ବିଜେବି କଲେଜରେ ଅର୍ଥଶାସ୍ତ୍ର ଅନର୍ସରେ ପଢ଼ିବା ସମୟରେ ଚିତ୍ରଶିଳ୍ପୀ ହରିଶ୍ଚନ୍ଦ୍ର ସିହ୍ନାଙ୍କ ସଂସ୍ପର୍ଶରେ ଆସିଲି। ସେ ମୋତେ ଚିତ୍ର ଦୁନିଆରେ ପାଦ ଥାପିବା ପାଇଁ ପ୍ରେରଣା ଦେଇଥିଲେ। ତା'ପରେ ଚିତ୍ରଶିକ୍ଷା ପାଇଁ ମନ ବଳାଇଲି। ଗ୍ରାଜୁଏଶନ ପଢୁଥିବା ସମୟରେ ଚିତ୍ର ଶିଖିବା ପାଇଁ ଗଲି। ସେ କଥା ଆଜି ବି ମୋର ମନେଅଛି। ପରେ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ନାମ ଲେଖାଇଲି। ଏହି କଲେଜରେ ପଞ୍ଚାନନ ସାମଲ ସାର୍ ଏବଂ ପେଣ୍ଟିଂ ବିଭାଗର ଅଧ୍ୟାପକ ପ୍ରବୀର କୁମାର ଦଳାଇଙ୍କ ପ୍ରୋତ୍ସାହନ ଓ ମାର୍ଗଦର୍ଶନ ପାଇଲି। ପ୍ରଥମେ କାନ୍‌ଭାସ୍ ଉପରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ରୂପଦେଲି। ତା'ପରେ ଆତତାୟୀ, ହିଂସା, ପରଶ୍ରୀକାତରତା ଏବଂ କ୍ରୂରତାକୁ ବର୍ଜନ କରିବା ସହ ଶାନ୍ତି ଓ ପ୍ରେମରେ ଯେପରି ସମାଜକୁ ବଦଳାଇ ହେବ ସେହି ପ୍ରକାରର ଭାବନାକୁ ଚିତ୍ରରେ ସ୍ଥାନ ଦେବାକୁ ପ୍ରୟାସ କରିଥିଲି । ଏମିତିରେ ଏ. କେ.-୪୭ – ଏ ଲଭ୍ ଷ୍ଟୋରୀର ସିରିଜ୍‌କୁ ନେଇ ଚିତ୍ର କରିଥିଲି। ଏହାଛଡ଼ା ଆଖପାଖ ପରିବେଶ ଓ ବିଭିନ୍ନ ଘଟଣାବଳୀକୁ ନେଇ ମୁଁ ଚିତ୍ର କରିଥାଏ। ଯାହା ସମାଜ ଉପରେ ଭଲ ପ୍ରଭାବ ପକାଇବା ସହ ମନରେ ସକରାତ୍ମକ ଭାବ ସୃଷ୍ଟି କରୁଥିବ। ଏମିତିରେ ୨୦୦୯ରେ ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ଦ୍ୱାରା ସ୍କଲାରଶିପ୍ ପାଇଲି। ୨୦୦୪ରୁ ୨୦୦୮ ମଧ୍ୟରେ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ବିଭିନ୍ନ ସମୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଯୋଗଦେଇଛି। ସେହିପରି ନୂଆଦିଲ୍ଲୀ, ମୁମ୍ବାଇ, ଗୋଆ, କୋଲ୍‌କାତା, ଚଣ୍ଡିଗଡ଼ ଆଦି ଠାରେ ଚିତ୍ରକଳା ପ୍ରଦର୍ଶନ କରିଛି। ଧଉଳି ଆର୍ଟ କଲେଜ, ମଡର୍ନ ଆର୍ଟ ଗ୍ୟାଲେରି ସମେତ କେତେକ ସଂସ୍ଥାରୁ ପୁରସ୍କୃତ ହୋଇପାରିଛି। ଏଯାଏ ପ୍ରକୃତିକୁ ନେଇ ୩ ଶହରୁ ଊର୍ଦ୍ଧ୍ୱ ଚିତ୍ର କରିସାରିଲିଣି। ବର୍ତ୍ତମାନ ୨୦୧୧ରୁ କେନ୍ଦ୍ରୀୟ ବିଦ୍ୟାଳୟ(ନଂ.୬)ରେ କଳା ଅଧ୍ୟାପିକା ଭାବେ କାର୍ଯ୍ୟରତ। ମତେ ସ୍ୱାଧୀନ ଭାବେ ନିଜସ୍ୱ ଶୈଳୀରେ କାନ୍‌ଭାସ୍‌ରେ ଚିତ୍ର କରିବାକୁ ଖୁବ୍ ଭଲ ଲାଗେ। ସମାଜରେ ଜଣେ ଚିତ୍ରଶିଳ୍ପୀ ଭାବେ ପରିଚୟ ପାଇପାରିଥିବାରୁ ମତେ ଆତ୍ମସନ୍ତୋଷ ମିଳୁଛି। **–ବନବିହାରୀ**










# ସେବାରେ ମାନସ

**ସେ** ଜଣେ କଲେଜ ଛାତ୍ର। କିନ୍ତୁ ବିଭିନ୍ନ ସେବା ଓ ଜନସଚେତନତା କାର୍ଯ୍ୟ କରିବାରେ ତାଙ୍କର ରହିଛି ଅଭିଜ୍ଞତା। ସେ ହେଲେ **ମାନସ କୁମାର ସାହୁ** । ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଗାଁରେ। ଏମ୍‌ଏସ୍‌ଡବ୍ଲ୍ୟୁ ପଢ଼ା ସାରିଛନ୍ତି। ସେ କୁହନ୍ତି, ସ୍କୁଲ ବୟସରୁ ଜନସେବାକୁ ଜୀବନର ବ୍ରତ ଭାବେ ପାଳନ କରିଆସୁଛି। ଆମ ଘର ପାଖରେ ରହୁଥିଲେ କେତେଜଣ ଆଦିବାସୀ ପରିବାର। ସେମାନଙ୍କର ପିଲାମାନେ କେହି କେହି ଆଦୌ ସ୍କୁଲ ଯାଉ ନ ଥିବାବେଳେ ଆଉ କିଛି ପିଲା ଅଧାରୁ ପାଠ ଛାଡ଼ିଥିଲେ। ସେଇ ପିଲାଙ୍କୁ ପାଠପଢ଼ାଇବା ପାଇଁ ଚିନ୍ତାକଲି। ପ୍ରଥମେ ୬ଜଣ ପିଲାଙ୍କ ପାଇଁ ମୋ ପକେଟ୍ ମନିରେ ୮ଖଣ୍ଡ ଛବିବହି, ଖାତା କିଣି ସେମାନଙ୍କୁ ପ୍ରଦାନ କରିଥିଲି। ବଳକା ସମୟରେ ସେମାନଙ୍କୁ ମାଗଣାରେ ପାଠପଢ଼ାଇଥିଲି। ସମୟକ୍ରମେ ସେମାନଙ୍କ ମଧ୍ୟରୁ କେତେଜଣ ପିଲା ସ୍କୁଲରେ ପଢିଲେ। ପରେ ଅନ୍ୟମାନଙ୍କୁ ସ୍କୁଲ ଯିବାରେ ସଚେତନ କରାଇଥିଲି। ଏଥିପାଇଁ ଆମ କଲେଜର ସାର୍ ମୋତେ ପ୍ରଶଂସା କରିଥିଲେ। ସେବେଠାରୁ ଆଉ ପଛକୁ ଫେରିନି। ଗାଁରେ ବିଭିନ୍ନ ସାମାଜିକ କାର୍ଯ୍ୟ ହେଉ କି ଜନସେବା, ସବୁଥିରେ ଯୋଗଦେଇଥାଏ। କୌଣସି ଜନହିତକର କାର୍ଯ୍ୟକୁ ଛୋଟବଡ଼ ନ ଭାବି ନିଜର କର୍ତ୍ତବ୍ୟ ବୋଲି ମନେକରି କରିଥାଏ। କରୋନା ସମୟରେ ସାନିଟାରି ଓ ମାସ୍କ ବ୍ୟବହାର ପାଇଁ ଗାଁ ଗାଁ ବୁଲି ଜନସଚେତନତା କରାଇଥିଲି। ବୃକ୍ଷରୋପଣ, ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇଥାଏ। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପଦରେ ମୋ ସାଧ୍ୟମତେ ଅସହାୟଙ୍କୁ ସାହାଯ୍ୟ କରିଥାଏ। ଏବେ ନିଜର ରୋଜଗାର ପାଇଁ ଗୋଟିଏ ଛୋଟ ଭେରାଇଟି ଷ୍ଟୋର ଓ ଜେରକ୍ସ ମେଶିନ ରଖି କାମ କରୁଛି। ଏକ ସରକାରୀ ସ୍କୁଲରେ ରାତ୍ରି ଜଗୁଆଳି ଭାବେ କାର୍ଯ୍ୟ କରୁଛି। ମୋର ସେବା କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ ହୋଇଛି ; ଯାହା ମତେ ଆତ୍ମସନ୍ତୋଷ ଦେଇଛି।



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୂର୍ଯ୍ୟମୟୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: ଏଲିଗାଣ୍ଟ ଫଟୋଗ୍ରାଫି

# ହାଃ ହାଃ

## ସ୍ତନ୍ୟପାୟୀ

ଶିକ୍ଷକ: ଏମିତି ଏକ ସ୍ତନ୍ୟପାୟୀ ପ୍ରାଣୀ ସମ୍ପର୍କରେ କୁହ, ଯେକି ଆକାଶରେ ଉଡ଼େ। ହେଲେ ଭୂମି ଉପରେ ଛୁଆ ଜନ୍ମ କରେ।
..ପ୍ରଶ୍ନ ଶୁଣି ସମସ୍ତେ ଚୁପ୍ ହୋଇଗଲେ।
ମୁନା: ସାର୍,ମତେ ଲାଗୁଚି ଏଇ ସ୍ତନ୍ୟପାୟୀ ପ୍ରାଣୀଟି ନିଶ୍ଚିତ ଭାବେ 'ଏୟାର ହୋଷ୍ଟେସ୍'।

## ଗଧ

ସ୍ୱାମୀ ସ୍ତ୍ରୀକୁ: କହିଲ ଦେଖି ବାହାଘରରେ ବର ଘୋଡି ଉପରେ ବସେ, ଗଧ ଉପରେ କାହିଁକି ବସେ ନାହିଁ?
ସ୍ତ୍ରୀ: ଏକାସାଙ୍ଗରେ ଦୁଇ ଗଧକୁ ଦେଖିଲେ କାଳେ କନିଆ ଦୌଡି ପଳେଇବ ସେଇଥିପାଇଁ।

## ଶୋଉଛ

ମାନୁ ମାଉସୀ ଚିଣ୍ଟୁକୁ: ପଢାପଢି ଠିକ୍‌ରେ ଚାଲିଛିତ?
ଚିଣ୍ଟୁ: ହଁ, ମାଉସୀ।
ମାନୁ ମାଉସୀ: ତା'ହେଲେ ରାତିରେ କେତେବେଳେ ଶୋଉଛୁ?
ଚିଣ୍ଟୁ:ବହି ବାହାର କରି ପଢିଲେ ରାତି ୧୦ଟାରେ। ଆଉ ଫୋନ୍ ଧରିଲେ ରାତି ୨ଟାରେ ଶୁଏ।

# ବନ୍ୟପ୍ରାଣୀ ଅଭୟାରଣ୍ୟ
# ତାଲ ଛାପର

**ରାଜସ୍ଥାନର ଚୁରୁ ଜିଲାରେ ଥିବା ତାଲ ଛାପର ବନ୍ୟପ୍ରାଣୀ ଅଭୟାରଣ୍ୟ ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ମୁଖ୍ୟତଃ କୃଷ୍ଣସାର ମୃଗଙ୍କୁ ଏଠାରେ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ। ତା'ସହିତ ଅନ୍ୟାନ୍ୟ ବିରଳ ପଶୁପକ୍ଷୀଙ୍କୁ ଦେଖିବା ସହିତ ପର୍ଯ୍ୟଟକ ଏଠାରେ ସଫାରୀର ମଜା ମଧ୍ୟ ନେଇପାରିବେ...**



ତାଲ ଛାପର ବନ୍ୟପ୍ରାଣୀ ଅଭୟାରଣ୍ୟ ରାଜସ୍ଥାନର ଚୁରୁ ଜିଲାସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ମୁଖ୍ୟତଃ କୃଷ୍ଣସାର ମୃଗ ତଥା ଜାତିଜାତିକା ପକ୍ଷୀଙ୍କ ପାଇଁ ଏହି ଅଭୟାରଣ୍ୟର ରହିଛି ଅନେକ ଖ୍ୟାତି। ତା'ଛଡ଼ା ନାନା କିସମର ବୃକ୍ଷଲତା ସହ ବହୁ ବିରଳ ବନ୍ୟପ୍ରାଣୀଙ୍କୁ ବି ଏଠାରେ ଦେଖିବାର ସୁଯୋଗ ରହିଛି।

## କ'ଣ ଦେଖିବେ

ତାଲ ଛାପର ବନ୍ୟପ୍ରାଣୀ ଅଭୟାରଣ୍ୟରେ କେବଳ ବହୁ ସଂଖ୍ୟାରେ କୃଷ୍ଣସାର ମୃଗ ଦେଖାଯାନ୍ତି ତାହା ନୁହେଁ ନାନା ଜାତିର ବନ୍ୟପ୍ରାଣୀ ତଥା ସରିସୃପ ବି ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ଏହି ଅଭୟାରଣ୍ୟରେ ପ୍ରବାସୀ ଓ ନିବାସୀ ଦୁଇଟିକୁ ମିଶାଇ ପ୍ରାୟ ୧୨୨ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳେ। ଯେମିତିକି ହ୍ୟାରିୟର, ଇଷ୍ଟର୍ନ ଇମ୍ପେରିଆଲ୍ ଇଗଲ, ଟାଉନି ଇଗଲ୍, ବ୍ଲାକ୍ ଇବିଶ୍, ସ୍କାଏ ଲାର୍କ, ରିଙ୍ଗ ଡୋଭ୍ସ, ବ୍ଲାକ୍ ଡ୍ରୋଙ୍ଗୋ, ଇଣ୍ଡିଆନ୍ ବୁଷ୍ଟାର୍ଡ ଇତ୍ୟାଦି ହେଉଛି ଏଠାରେ ଦେଖିବାକୁ ମିଳୁଥିବା କେତେକ ପ୍ରମୁଖ ପକ୍ଷୀ। ଅନ୍ୟପକ୍ଷେ ଏହି ଅଭୟାରଣ୍ୟରେ ଅନେକ ପରିମାଣରେ ବନସ୍ପତି ବୃକ୍ଷ ବି ରହିଛି। କହିବାକୁ ଗଲେ ପ୍ରକୃତିପ୍ରେମୀ ବା ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ।





## ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ୧୯୬୨ ମସିହାରେ ଏହି କ୍ଷେତ୍ରଟି ସ୍ଥାନୀୟ ରାଜରାଜୁଡ଼ାଙ୍କ ଅଧୀନରେ ଥିଲା। ସେମାନେ ଏହି କ୍ଷେତ୍ରରେ ଶିକାର କରିବାକୁ ଆସୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୭୧ ମସିହାରେ ସରକାରଙ୍କ ଅଧୀନକୁ ଏହା ଯିବା ପରେ ଏଠାରେ କୃଷ୍ଣସାର ମୃଗଙ୍କୁ ସୁରକ୍ଷା ଦିଆଯିବାର ଯୋଜନା ହେଲା। ଶିକାର ନ କରିବା ପାଇଁ ଦୃଢ଼ ପଦକ୍ଷେପ ମଧ୍ୟ ନିଆଗଲା। ସ୍ଥାନୀୟ ଅଞ୍ଚଳର ଅନୁକୂଳ ପରିବେଶ ପକ୍ଷୀମାନଙ୍କୁ ବି ଖୁବ୍ ଆକୃଷ୍ଟ କଲା। ଯେଉଁଥିପାଇଁ କ୍ରମେ ଅନେକ ବିଦେଶୀ ପକ୍ଷୀ ଏଠାକୁ ଆସିବାକୁ ଲାଗିଲେ। ସମୟାନୁସାରେ, ଅନ୍ୟ କେତେକ ବନ୍ୟପ୍ରାଣୀଙ୍କୁ ବି ଏଠାରେ ଦେଖିବାକୁ ମିଳିଲା। ଫଳରେ ଏହା ଏକ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ପାଇଗଲା। ସ୍ଥାନୀୟ କେତେକ ଲୋକଙ୍କ କହିବାନୁଯାୟୀ, ଏହି ଅଭୟାରଣ୍ୟଟି କୁଆଡ଼େ ସମତଳ ଅଞ୍ଚଳରେ ଗଢ଼ିଉଠିଛି, ଯାହାକୁ କିଛି ଲୋକେ ତାଲ ବୋଲି କହିଥାନ୍ତି। ସେହିପରି ନିକଟରେ ଛାପର ନାମକ ଏକ ଗାଁ ଥିବାରୁ, ଉଭୟକୁ ମିଶାଇ ଉକ୍ତ ଅଭୟାରଣ୍ୟର ନାମ କୁଆଡ଼େ ତାଲ ଛାପର ରଖାଯାଇଛି।

### ସଫାରୀର ମଜା ନିଆରା

ଏହି ଅଭୟାରଣ୍ୟରେ ପର୍ଯ୍ୟଟକ ଜିପ୍ ସଫାରୀର ମଧ୍ୟ ଆନନ୍ଦ ନେଇପାରିବେ। ସୂଚନାନୁଯାୟୀ, ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କୁ ଜିପ୍ ସଫାରୀରେ ଯିବାକୁ ସୁଯୋଗ ଦିଆଯାଇଥାଏ।


## କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁସାରେ, ଏହି ଅଭୟାରଣ୍ୟକୁ ବର୍ଷର ସବୁ ସମୟରେ ବୁଲି ଯିବାର ସୁବିଧା ଥିଲେ ବି ନଭେମ୍ବରରୁ ଜୁନ୍ ହେଉଛି ଏଠାକୁ ଯିବାକୁ ସବୁଠୁ ଉପଯୁକ୍ତ ସମୟ। କାରଣ ଜୁନ୍ ପରେ ଏଠାରେ ଧୀରେ ଧୀରେ ବର୍ଷା ହେବାକୁ ଆରମ୍ଭ କରିଥାଏ। ବର୍ଷାଦିନେ ପଶୁପକ୍ଷୀ ବାହାରକୁ ସେତେ ବାହାରୁ ନଥିବାରୁ ସେମାନଙ୍କୁ ଦେଖିବା ସମ୍ଭବ ହୋଇ ନଥାଏ। ତେଣୁ ନଭେମ୍ବରରୁ ଜୁନ୍ ଭିତରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାକୁ ସୁବିଧା ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ବେଶ୍ ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ଆରାମ ହେବ ସେଥିରେ ଯାଇ ଏଠାରେ ଖୁସିରେ ଭ୍ରମଣ କରିପାରିବେ। ଅନ୍ୟପକ୍ଷେ ଏଠାରେ ରହିବା ପାଇଁ ଗେଷ୍ଟ ହାଉସ୍‌ର ବି ସୁବିଧା ଉପଲବ୍ଧ ଅଛି। ପର୍ଯ୍ୟଟକ ଚାହିଁଲେ ଏହାର ମଧ୍ୟ ଫାଇଦା ନେଇପାରିବେ।



# ଆତ୍ମସମର୍ପଣ ଓ ଧଳା ପତାକା

ଯୁଦ୍ଧକ୍ଷେତ୍ରରେ ଦୁଇ ଶତ୍ରୁ ଦେଶଙ୍କ ଭିତରେ ଚାଲିଛି ଘମାଘୋଟ ଲଢେଇ। ଗୁଳି ବର୍ଷଣ ସହ ତୋପର ଗୋଳା ମାଡ଼ ଲାଗେ ସତେ ଯେମିତି ଏ ଯୁଦ୍ଧର ଅନ୍ତ ନାହିଁ କିନ୍ତୁ ହଠାତ୍ ଏମିତି କିଛି ପରିସ୍ଥିତି ଉପୁଜେ ଯେଉଁଥିପାଇଁ ଗୋଟିଏ ପକ୍ଷର ଜଣେ ଯବାନ ବନ୍ଧୁକର ଅଗ୍ରଭାଗରେ ଧଳା ରୁମାଲ ବାନ୍ଧି ଶତ୍ରୁ ପକ୍ଷଙ୍କୁ ଦେଖାନ୍ତି। ଏହି ପତାକା ଦେଖି ଶତ୍ରୁପକ୍ଷ ଜାଣିପାରନ୍ତି ବିପକ୍ଷ ଦଳ ଆତ୍ମ ସମର୍ପଣ କରିବାକୁ ଚାହୁଁଛନ୍ତି। ତେଣୁ ସେମାନେ ଫାୟରିଂ ବନ୍ଦ କରିଦିଅନ୍ତି। ଏଭଳି ଦୃଶ୍ୟ କୌଣସି ଚଳଚ୍ଚିତ୍ରରେ ଦେଖିଥିବେ ଅବା କାହା ମୁହଁରୁ ଶୁଣିଥିବେ। ଆଉ ଏମିତି ବାସ୍ତବରେ ବି ଘଟିଥାଏ। ଧଳା ପତାକା ଦେଖାଇ ଆତ୍ମ ସମର୍ପଣ କରାଯାଏ। ଆଉ ଯୁଦ୍ଧ ସମାପ୍ତ ହୁଏ। ତେବେ ଜାଣନ୍ତି କି ଧଳା ପତାକାର ଅର୍ଥ ଆତ୍ମ ସମର୍ପଣ କେବେ ଓ କେଉଁ ପରିସ୍ଥିତିରେ ହୋଇଥିଲା? ଜାଣନ୍ତୁ ସେ ସମ୍ପର୍କରେ...








**ଧ**ଳା ପତାକା ଯୁଦ୍ଧ ବିରାମ ଅବା ଯୁଦ୍ଧ ସମୟରେ ଶାନ୍ତିର କଥାବାର୍ତ୍ତା ପାଇଁ ଅନ୍ତରାଷ୍ଟ୍ରୀୟ ସ୍ତରରେ ମାନ୍ୟତା ପ୍ରାପ୍ତ ସୁରକ୍ଷାତ୍ମକ ସଂକେତ ଅଟେ। ଏହାର ବ୍ୟବହାର ସମର୍ପଣର ପ୍ରତିକଭାବେ ବିବେଚନା କରାଯାଏ। ସବୁବେଳେ ଦୁର୍ବଳ ପକ୍ଷ ହିଁ କଥାବାର୍ତ୍ତା ପାଇଁ ଅନୁରୋଧ କରି ଧଳା ପତାକା ଦେଖାଇଥାନ୍ତି। ଯାହା ଦର୍ଶାଏ ଯେ ହେବାକୁ ଥିବା କଥାବର୍ତ୍ତା ଶସ୍ତ୍ରବିହୀନ ହେବ। ଏହା ଆତ୍ମସମର୍ପଣର ବି କଥା କହେ। ଧଳାପତାକା ଉଡାଇଥିବା ବ୍ୟକ୍ତି ଉପରେ ଗୁଳି ଚାଳନା ହେବ ନାହିଁ କି ଆକ୍ରମଣ କରାଯିବ ନାହିଁ। ତେବେ ଆତ୍ମସମର୍ପଣ ପାଇଁ ଧଳା ପତାକାର ପ୍ରଥମ ବ୍ୟବହାର ଚାଇନାର ହାନ ରାଜବଂଶ ସମୟରେ ହୋଇଥିବା କୁହାଯାଏ। ଏହାବାଦ ରୋମ ସାମ୍ରାଜ୍ୟରେ ୧୦୯ ଖ୍ରୀ.ରେ ଆତ୍ମସମର୍ପଣ ପାଇଁ ଧଳା ପତାକା ବ୍ୟବହାର ହୋଇଥିବା ଉଲ୍ଲେଖ ଅଛି। ଏହା ପୂର୍ବରୁ ରୋମର ସେନାମାନେ ନିଜ ଢାଲକୁ ନିଜ ମୁଣ୍ଡ ଉପରେ ରଖି ଆତ୍ମ ସମର୍ପଣ କରୁଥିଲେ। ମଧ୍ୟଯୁଗରେ ପଶ୍ଚିମ ୟୁରୋପୀୟମାନେ ଆତ୍ମସମର୍ପଣର ମନୋଭାବକୁ ଦର୍ଶାଇବା ଲାଗି ଧଳା ପତାକାକୁ ବ୍ୟାପକଭାବେ ଉପଯୋଗ କରୁଥିବା ଅନେକ ତଥ୍ୟ କହେ। ପର୍ତ୍ତୁଗାଲର ଐତିହାସିକ କୋର୍ରେୟା ଦାବି କରିଛନ୍ତି ଯେ, ୧୫୦୨ରେ ଭାରତୀୟ ଶାସକ କାଲିକଟର ଜମୋରିନ ଶତ୍ରୁ ଭାସ୍କୋଡା ଗାମାଙ୍କ ନିକଟକୁ ନିଜ ବାର୍ତ୍ତାକାରଙ୍କ ହାତରେ ଏକ ବାଡ଼ିରେ ବନ୍ଧାଯାଇଥିବା ଧଳା ପତାକା ଶାନ୍ତିର ବାର୍ତ୍ତା ଭାବେ ପଠାଇଥିଲେ। ଏମିତି ବି କୁହାଯାଏ ୩-୪ ହଜାର ବର୍ଷ ପୂର୍ବେ ଚିନ ଧଳାରଙ୍ଗକୁ ଦୁଃଖର ପ୍ରତିକଭାବେ ବ୍ୟବହାର କରୁଥିଲା। ପରେ ଏହାକୁ ସମର୍ପଣର ସଂକେତଭାବେ ବ୍ୟବହାର କଲେ। ପୂର୍ବେ ସୈନିକ ଓ ନାଗରିକଙ୍କ ପାଖରେ ଧଳା କପଡ଼ା ଯେମିତି ବି ହେଉ ରହୁଥିଲା। ଅର୍ଥାତ୍ ଧଳା ରଙ୍ଗର କପଡା ସବୁ ସମୟରେ ସହଜରେ ଉପଲବ୍ଧ ହେଉଥିଲା। ତେଣୁ ନିଜର ନିଷ୍ପ୍ରିତା ଦର୍ଶାଇବା ଲାଗି ଧଳା କପଡ଼ା ଦେଖାଯାଉଥିଲା। ଆଜିକାଲି ଏହାର ବ୍ୟବହାର ବକ୍ସିଂ ରିଙ୍ଗ ଭିତରେ ବି ଦେଖିବାକୁ ମିଳୁଛି। ଯଦି କୌଣସି ବକ୍ସର ପ୍ରତିଦ୍ୱନ୍ଦ୍ୱୀଠାରୁ ଅଧିକ ମାଡ଼ ଖାଉଥାଏ ତେବେ ସେହି ଟିମ୍‌ର ସଦସ୍ୟ କିମ୍ବା କୋଚ୍ ଏକ ଧଳା ତଉଲିଆ ରିଙ୍ଗ ଭିତରକୁ ଫିଙ୍ଗି ଦିଅନ୍ତି। ଏହା ସମର୍ପଣ ଭାବକୁ ବୁଝାଏ। ତେଣୁ କହିବାକୁଗଲେ ଧଳାରଙ୍ଗ ଶାନ୍ତି, ସୌହାର୍ଦ୍ଦ୍ୟ ଓ ସମର୍ପଣର ପ୍ରତୀକ ଅଟେ।

# ଏତେ ବଡ଼ ରୁଟି !



**ଭା**ରତର ପ୍ରାୟ ସବୁ ଘରେ ରୁଟି କରାଯାଏ। ତେବେ ଗୁଜୁରାଟର ଜାମନଗରରେ ଏଭଳି ଏକ ରୁଟି ତିଆରି କରାଯାଏ ଯାହା ଆଉ କେଉଁଠି ହୋଇ ନ ଥାଏ। ଏହି ରୁଟି ତ ସାରା ପୃଥିବୀରେ ନିଆରା। ତେଣୁ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ଏହା ସ୍ଥାନ ପାଇଛି। କାରଣ ଏହି ରୁଟି ହେଉଛି ପୃଥିବୀର ସବୁଠାରୁ ବଡ଼। ହେଲେ ଏହି ରୁଟି ସବୁଦିନ ପ୍ରସ୍ତୁତ କରାଯାଇ ନ ଥାଏ। ଦଗଡୁ ସେଠ ଗଣପତି ମହୋତ୍ସବ ଅବା ଜଲାରାମ ବାପ୍ପାଙ୍କ ଜୟନ୍ତୀ ଅବସରରେ ପ୍ରସ୍ତୁତ କରାଯାଏ। ରୁଟିକୁ ଜଲାରାମ ମନ୍ଦିରର ଜୀର୍ଣ୍ଣୋଦ୍ଧାର କମିଟି ଦ୍ୱାରା ପ୍ରସ୍ତୁତ କରାଯାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଅନେକ ମହିଳା ମିଶି ଘଣ୍ଟା ଘଣ୍ଟା ପରିଶ୍ରମ କରନ୍ତି। ରୁଟିରେ ବହୁତ ଅଟା ବ୍ୟବହାର କରାଯାଏ। ରୁଟି ପ୍ରସ୍ତୁତ ହେଲା ପରେ ଏହାର ଓଜନ ୧୪୫ କି.ଗ୍ରା.ରୁ ଅଧିକ ହୁଏ। ଆଉ ଏହି ରୁଟିକୁ ତିଆରି କରିବା ଲାଗି ମନ୍ଦିର ନିକଟରେ ଏକ ବଡ଼ ତାୱା ଥାଏ। ରୁଟିକୁ ତାୱାରେ ପକାଇ ରନ୍ଧା ଯିବା ପରେ ତାକୁ ସେକିବା ଲାଗି ବି ଅନେକ ଲୋକ ପରିଶ୍ରମ କରନ୍ତି। ଏହି ସମୟରେ ଆଞ୍ଚକୁ ଧୀମା ରଖାଯାଇଥାଏ। ଯେମିତିକି ରୁଟି ଜଳିବ ନାହିଁ। ଏତେ ପରିଶ୍ରମ ପରେ ପ୍ରସ୍ତୁତ ହୋଇଥିବା ରୁଟିକୁ ଶେଷରେ ମନ୍ଦିରକୁ ଆସିଥିବା ଲୋକଙ୍କ ଭିତରେ ବାଣ୍ଟି ଦିଆଯାଏ। ଏହି ରୁଟି ଖାଇବା ଲାଗି ବିଭିନ୍ନ ସ୍ଥାନରୁ ଲୋକ ଆସିଥାନ୍ତି।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ସୀତାଙ୍କ ଚରଣକୁ ରାବଣର ବନ୍ଦନା

ମା' ସୀତାଙ୍କୁ ରାବଣ ଅପହରଣ କରି ଅଶୋକ ବନରେ ରଖିଥିଲେ। ତାଙ୍କ ଚାରିପାଖେ ରାକ୍ଷସୀଗଣଙ୍କୁ ପ୍ରହରୀ ସଦୃଶ ଜଗାଇଥିଲେ । ଖାଲି ଜଗାଇ ନ ଥିଲେ ମଝିରେ ମଝିରେ ତାଙ୍କୁ ଭୟ ଦେଖାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏପରି ସ୍ଥଳେ ସେ ଯେ ସୀତାଙ୍କ ଚରଣକୁ କେବେ ବନ୍ଦନା କରିପାରିଥିବେ, ଏକଥା ଶୁଣିଲେ ଜଣକୁ କେମିତି କେମିତି ଲାଗିବ। କିନ୍ତୁ ହଁ, ସୀତାଙ୍କୁ ଅପହରଣ କରିବା ଭିତରେ କ୍ଷଣକ ପାଇଁ ସେ ସୀତାଙ୍କ ଚରଣକୁ ନମସ୍କାର ଜଣାଇ ଭକ୍ତି ନିବେଦନ କରିଛନ୍ତି । କେତେବେଳେ କରିଛନ୍ତି, କାହିଁକି କରିଛନ୍ତି – ଏଇୟା ହିଁ ଆଜିର ଆଲୋଚନାର ବିଷୟବସ୍ତୁ।


ପାଠକେ! ସେ ବିଷୟରେ ତ ଆଲୋଚନା ରଖିବା କିନ୍ତୁ ତା' ପୂର୍ବରୁ ଆମେ ଟିକେ ମଣିଷର ଚରିତ୍ର ବାବଦରେ ଆଲୋଚନା କରିବା। ଏ ସଂସାରରେ ଦୁଇ ପ୍ରକାରର ଲୋକ ଅଛନ୍ତି। ଭଲ ଲୋକ ଏବଂ ଖରାପ ଲୋକ। ଲୋକଟିଏ ଭଲ କିମ୍ବା ଖରାପ ହେବା ନିର୍ଭର କରେ ତା' ବିଚାର ଉପରେ। ଲୋକଟିର ଚିନ୍ତା ବା ଭାବନା ଯଦି ଭଲ ତେବେ ସେ ଭଲ ଲୋକ। ଆମେ ସେଇ ଲୋକଟିକୁ ଖରାପ ବୋଲି କହୁ, ଯାହାର ଭାବନା ପୂରା ଖରାପ । ଅନ୍ୟର ଅମଙ୍ଗଳ ସୃଷ୍ଟିକାରୀ। ନିଜର ଉନ୍ନତ ବିଚାର ହିଁ ଜଣକୁ ମହାତ୍ମାରେ ପରିଣତ କରିଦିଏ। ଗାନ୍ଧୀ, ଗୋପବନ୍ଧୁ, ସୁଭାଷ, ମଧୁବାବୁ ଆଜି ଯଦି ବଞ୍ଚିଥା'ନ୍ତି ତେବେ ଏହାର କାରଣ ହେଉଛି ସେମାନଙ୍କର ଉଚ୍ଚ ବିଚାର। କଂସ, ଦୁର୍ଯ୍ୟୋଧନ, ରାବଣକୁ ଯଦି ଖରାପ କୁହାଯାଉଥାଏ ତେବେ କାରଣ ସେଇ ଏକା – ନୀଚ ବିଚାର।

ଏଇଠି ଗୋଟିଏ ପ୍ରଶ୍ନ ମନରେ ଉଙ୍କିମାରେ – ସଂସାରରେ ଯେତେ ଭଲ ଲୋକ ଅଛନ୍ତି ସେମାନଙ୍କ ମନରେ କ'ଣ କେବେ ଖରାପ କାର୍ଯ୍ୟ କରିବାକୁ ଇଚ୍ଛା ଜାଗ୍ରତ ହୋଇନି ବା ଖରାପ ଲୋକଙ୍କ ମନରେ ଭଲ ଚିନ୍ତାଟିଏ କେବେ ଉଦ୍ରେକ ହୁଏନା? ହୁଏ। ନିଶ୍ଚିତ ହୁଏ। ଭଲ ଲୋକଟିର ମନରେ ଖରାପ କାର୍ଯ୍ୟ କରିବାର ଭାବନା ଉଙ୍କିମାରେ। କିନ୍ତୁ ନିଜ ବିବେକ ଚାପ ଯୋଗୁ ତାହା ଦବିଯାଏ। ଚିନ୍ତାଟି କାର୍ଯ୍ୟରେ ପରିଣତ ହୁଏନା। ସମାନ କଥା ଘଟେ ଖରାପ ଲୋକଙ୍କ କ୍ଷେତ୍ରରେ। ନିଜର ଯାବତୀୟ କୁକାର୍ଯ୍ୟ ଭିତରେ ଯଦି ବା ସେମାନଙ୍କ ମନରେ କଦବା କେମିତି ଭଲ ଭାବନାଟିଏ ସୃଷ୍ଟି ହୁଏ, ତାହା କିନ୍ତୁ ବାସ୍ତବ ରୂପ ନେଇପାରେ ନାହିଁ। ନିଜ ମଳିନ ବିଚାର ତାକୁ କରିବାକୁ ଦିଏନାହିଁ।

ଏହା ବାଦ୍ ଆଉ ଗୋଟିଏ କଥା ବି ଅଛି। ଗୋଟିଏ ସାଧାରଣ ମଣିଷ ମନରେ ପ୍ରତି ମୁହୂର୍ତ୍ତରେ ଭଲ ଏବଂ ଖରାପ ଭାବନା ସୃଷ୍ଟି ହେଉଥାଏ। ଟିଭିରେ ବ୍ୟାଙ୍କ ଡକାୟତିର ଅଭିନୟକୁ ଦେଖି ମନ କୁରୁଳି ଉଠିଲା। ମନ ବି କହିଲା – ମୁଁ ସେମିତିଆ କାମ ଟିକେ କରନ୍ତି କି? । ଆପଣ ଯଦି ଏଇ କଥାରେ ଭାସିଗଲେ ତେବେ କିଛିଦିନ ପରେ ବ୍ୟାଙ୍କ ଡକାୟତ ତାଲିକାରେ ଆପଣଙ୍କ ନାଁ ଯୋଡ଼ି ହୋଇଯିବ। ନିଜ ହାତରୁ ଅର୍ଥ ବ୍ୟୟକରି ସମାଜ ସେବା କରୁଥିବା ଜଣେ ସମାଜସେବୀ ବାବଦରେ ଖବରକାଗଜରୁ ପଢ଼ିସାରିବା ପରେ ଆପଣଙ୍କ ମନ ବି ଉଚ୍ଚାଟ ହେଲା – ନା, ମୁଁ ବି ସେମିତି କାମ କରିବି। ବାସ୍, କିଛି ଦିନ ପରେ ଅଲକ୍ଷ୍ୟରେ ଆପଣ ନିଜେ ଜଣେ ସମାଜସେବୀ ପାଲଟି ଯାଇଥିବେ।

ପ୍ରତିଟି ମନ ଭିତରେ ଉଭୟ ଭଲ ଏବଂ ଖରାପ ଭାବନା ନିରନ୍ତର ସୃଷ୍ଟି ହୋଇ ଚାଲିଥାଏ । ମଣିଷ ନିଜ ସଂସ୍କାରର ମାତ୍ରା ଅନୁସାରେ ଭଲ ବା ଖରାପ ଭାବନାକୁ କେବଳ କାର୍ଯ୍ୟକାରୀ କରେ ।

ଏଇଠୁ ଆମେ ପଶିଯିବା ରାବଣର କଥାକୁ। ସୀତା ମା'ଙ୍କୁ ଆଣିବା ପାଇଁ ରାବଣ ପହଞ୍ଚିଗଲେ ପଞ୍ଚବଟୀରେ। ପୂର୍ବରୁ ଶ୍ରୀରାମ ତ ମାୟାମୃଗ ପଛରେ ଗୋଡ଼ାଇ ଚାଲିଯାଇଥିଲେ। ତା' ପରେ ମା'ଙ୍କୁ ଏକୁଟିଆ ପତ୍ର କୁଡ଼ିଆରେ ଛାଡିଯିବା ପାଇଁ ଲକ୍ଷ୍ମଣଙ୍କର ଇଚ୍ଛା ନ ଥିଲେ ବି ସେ ମା'ଙ୍କର ମର୍ମଭେଦୀ ବଚନ ଶୁଣି କୁଡ଼ିଆ ପରିତ୍ୟାଗ କରିବା ପାଇଁ ଏକରକମ ବାଧ୍ୟ ହେଲେ। ସୁତରାଂ ମା' ସୀତା ଏବେ କୁଡ଼ିଆରେ ଏକୁଟିଆ। ଠିକ୍ ଏଇ ସମୟରେ ରାବଣ ଯତି ବେଶ ଧରି ପହଞ୍ଚି ଯାଆନ୍ତି। ମା'ଙ୍କୁ ବିଭିନ୍ନ ଭୟ, ରାଜନୀତି ଆଉ ପ୍ରୀତି ଉଦ୍ରେକକାରୀ କଥା କହନ୍ତି। ମା' ସାମାନ୍ୟ କ୍ରୋଧ ହୋଇ 'ବାବାଜୀ ହୋଇ ଏମିତି ଦୁଷ୍ଟଙ୍କ ପରି କଥା କ'ଣ



କହୁଛନ୍ତି? ବୋଲି କହିଛନ୍ତି। ପରେ ରାବଣ ନିଜ ରୂପ ଦେଖାଇଛନ୍ତି। ତା'ର କୁ-ଅଭିପ୍ରାୟ ଜାଣି ସୀତା କହିଛନ୍ତି :ରହ ଦୁଷ୍ଟ। ଏଇକ୍ଷଣି ମୋ ପ୍ରଭୁ ଆସିଯିବେ। ତୋ କଥା ବୁଝିବେ। ଗୋସ୍ୱାମୀ ତୁଳସୀ ଦାସଙ୍କ ବର୍ଣ୍ଣନାମତେ ଏଇଠି ହିଁ ରାବଣ ମା' ସୀତାଙ୍କୁ ମନେ ମନେ ପ୍ରଣାମ କରିଛନ୍ତି। ମାନସରେ ଲେଖା ଅଛି :–
'ସୁନତ ବଚନ ଦସସୀସ ରିସାନା । ମନ ମହୁଁ ଚରନ ବନ୍ଦୀ ସୁଖ ମାନା।'

ରାବଣ ମା' ସୀତାଙ୍କ ଚରଣକୁ ମନେ ମନେ ବନ୍ଦନା କରିଛନ୍ତି ଏବଂ ବହୁ ସୁଖ ପାଇଛନ୍ତି। ତୁଳସୀ ଦାସ ନିଜ ରଚନାରେ ଦୁରାଚାରୀ ରାବଣ ମନରେ ଏ ଭାବନା ଟିକକ ଉଦ୍ରେକ କରାଇ ତାଙ୍କୁ କ'ଣ ଜଣେ 'ସନ୍ଥ ' ଭାବରେ ଉପସ୍ଥାପିତ କରିବାକୁ ଚାହିଁଛନ୍ତି କି? – ଅନେକ ଲୋକଙ୍କ ମନରେ ଏ ପ୍ରଶ୍ନ ଉଠିପାରେ। ଯଦି ନୁହେଁ, ତେବେ ଏପରି ବର୍ଣ୍ଣନା ଦେବାର ରହସ୍ୟ କ'ଣ?

ଖାସ୍ କଥା ହେଉଛି, ରାବଣକୁ ମାଧ୍ୟମ କରି ମାନବ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେବାକୁ ଉଦ୍ୟମ କରିଛନ୍ତି ଗୋସ୍ୱାମୀ ଜୀ। ମଣିଷ ମନରେ ନିରନ୍ତର ଭଲ ଏବଂ ମନ୍ଦ ଭାବନା ସୃଷ୍ଟି ହେବାରେ ଲାଗିଛି । ରାବଣ ଦୁରାଚାରୀ ହେଲେ ବି ପୂର୍ବଜନ୍ମର ସଂସ୍କାର (ପୂର୍ବେ ସେ ଭଗବାନ ବିଷ୍ଣୁ ଏବଂ ମା' ଲକ୍ଷ୍ମୀଙ୍କର ଦ୍ୱାରପାଳ ଥିଲେ) ଫଳରେ ମା'ଙ୍କୁ ସାକ୍ଷାତ୍‌ରେ ଦର୍ଶନ କରିବା ଯୋଗୁ ମନରେ ଭକ୍ତିଭାବ ସୃଷ୍ଟି ହୋଇଛି । କିନ୍ତୁ ବଡ଼ ବିଡ଼ମ୍ବନା ହେଉଛି, ଭଲ ଚିନ୍ତା କରିବା ସହିତ ସେ ତାକୁ କାର୍ଯ୍ୟରେ ପରିଣତ କରିପାରିନାହାନ୍ତି। ସେ ଯଦି ମା'ଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯାଇ କ୍ଷମା ଏବଂ କୃପା ଭିକ୍ଷା କରିଥାନ୍ତେ ତେବେ ମନୋଗତ ଭାବନା କାର୍ଯ୍ୟରେ ପରିଣତ ହେଲା ବୋଲି କୁହାଯାଇ ପାରିଥାନ୍ତା । କିନ୍ତୁ ସେମିତି ହୋଇନି । ଭଲ ଚିନ୍ତାର ପ୍ରଭାବକୁ ନିଜର ଆସୁରିକ ଶକ୍ତି ଦାବି ଦେଇ କାର୍ଯ୍ୟକାରୀ ହେବାକୁ ଦେଇନି।

ଏହା ହିଁ ହେଉଛି ମାନବ ସମାଜକୁ ମହାନ୍ ଶିକ୍ଷା। ମନରେ ଉଠୁଥିବା ଖରାପ ଭାବନାକୁ ଦୂରେଇ ଦେଇ ଭଲ ଭାବନାକୁ କାର୍ଯ୍ୟକାରୀ କରେଇବା ପାଇଁ ଆମେ ଲାଗିପଡିବା ଉଚିତ। ଏହା ହିଁ ଅବତାରବାଦ୍‌ର ମୂଳ କଥା। 'ଅବତାର' ଶବ୍ଦର ଅର୍ଥ ହେଉଛି ଅବତରଣ ବା ନିମ୍ନକୁ ଆସିବା। କିଏ ଅବତାର ନିଅନ୍ତି? ବ୍ରହ୍ମ ଅବତାର ନେଇ ଆସନ୍ତି। ପ୍ରଶ୍ନ ଉଠିବ ବ୍ରହ୍ମ ତ ସଚରାଚର ଜଗତରେ ବ୍ୟାପ୍ତ ରହିଛନ୍ତି। ସେ ପୁଣି କ'ଣ କେମିତି ଅବତରଣ କରିବେ? ତଳକୁ ଖସିବେ??

ଏହାର ସରଳ ସମାଧାନ ବିଷୟରେ ଧ୍ୟାନଦିଅନ୍ତୁ ପାଠକେ। ଏହା ଆମ ଶରୀର ତତ୍ତ୍ୱ କଥା। ମଣିଷ ଶରୀରର ତିନୋଟି ଅଂଶ ଗୁରୁତ୍ୱପୂର୍ଣ୍ଣ– ମସ୍ତିଷ୍କ, ହୃଦୟ ଏବଂ ପାଦ । ଉପରେ ମସ୍ତିଷ୍କ, ତା ତଳକୁ ହୃଦୟ ଏବଂ ସବାତଳେ ଚରଣ ଅଛି। ମସ୍ତିଷ୍କରେ ଉଚ୍ଚ ବିଚାର ବା ଭଲ ଭାବନା ସୃଷ୍ଟି ହେଲେ କିଛି ଲାଭ ନାହିଁ ଯଦି ତାହା ହୃଦୟକୁ ଅବତରିତ ହୋଇ ନ ଆସେ। ରାବଣର ମା'ଙ୍କ ପ୍ରତି ଥିବା ଭକ୍ତିଭାବନା କେବଳ ମସ୍ତିଷ୍କରେ ସୃଷ୍ଟି ହୋଇଥିଲା। ହୃଦୟ ପର୍ଯ୍ୟନ୍ତ ଆସି ନ ଥିଲା। ଯଦି ବି ଉଚ୍ଚ ବିଚାର ହୃଦୟ ପର୍ଯ୍ୟନ୍ତ ଆସିଲା ତଥାପି କିଛି ଲାଭ ନାହିଁ ଯଦି ତାହା ଚରଣ ପର୍ଯ୍ୟନ୍ତ ନ ଯାଇ କ୍ରିୟାନ୍ୱିତ ନ ହେଲା। ସଂସାରରେ ଅନେକ ଲୋକ ଅଛନ୍ତି, ସେମାନେ ସମାଜ ପାଇଁ କିଛି ଭଲ କାମ କରିବୁ କରିବୁ ବୋଲି ଦିନରାତି ଚିନ୍ତା କରୁଥାନ୍ତି। କିନ୍ତୁ ବାସ୍ତବରେ କିଛି କରିପାରନ୍ତି ନାହିଁ। ଏହାର କାରଣ ସେମାନଙ୍କ ମହତ୍ତର ଭାବନା କେବଳ ମସ୍ତିଷ୍କ ବା ହୃଦୟରେ ହିଁ ଅଟକି ଯାଇଛି। ଯେପର୍ଯ୍ୟନ୍ତ ଏହା ଚରଣ ପର୍ଯ୍ୟନ୍ତ ନ ପହଞ୍ଚିଛି ସେପର୍ଯ୍ୟନ୍ତ ସେ ଧରଣର ଲୋକମାନେ କେବଳ ଭାବିତ ହେଉଥିବେ। ଅବତାରବାଦ୍‌ରେ ବ୍ରହ୍ମ ବା ଭଗବାନ (ଉଚ୍ଚ ବିଚାର )ଭକ୍ତ ମାନଙ୍କ ପ୍ରେମରେ ବଶୀଭୂତ ହୋଇ ଅବତାର ନିଅନ୍ତି। ସେଇ ପ୍ରେମର କେନ୍ଦ୍ରସ୍ଥଳ ହେଉଛି ଆମ ହୃଦୟ। ତେଣୁ ସତ୍ୟ ବା ଉଚ୍ଚ ବିଚାର ମସ୍ତିଷ୍କରୁ ସୃଷ୍ଟି ହୋଇ ହୃଦୟକୁ ଏବଂ ପୁଣି ଆହୁରି ତଳକୁ ଅର୍ଥାତ୍ ଚରଣରେ ପହଞ୍ଚି କାର୍ଯ୍ୟରେ ପରିଣତ ନ ହେବା ଯାଏ ଆମ ଜୀବନରେ ସତ୍ୟର ବାସ୍ତବ ଅବତରଣ ହୋଇପାରିବ ନାହିଁ। ଏହା ହିଁ ଆମ ଜୀବନର ବାସ୍ତବ ଉତ୍ତରଣ ବା ଅବତାର।


– ପ୍ରିନ୍ସିପାଲ, ଆପେକ୍ସ ଆଇ.ଟି.ଆଇ,
ପତ୍ରକଣା, କସର୍ଦା, କଟକ, ମୋ: ୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ବିଲ୍ୱ ମଙ୍ଗଳ

**ବିପିନ ମହାପାତ୍ର, ପ୍ରକାଶକ– ସର୍ଜନା,ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ, ବ୍ରହ୍ମପୁର(ଗଞ୍ଜାମ)–୩, ମୂଲ୍ୟ–୫୦ଟଙ୍କା**

ପୁସ୍ତକଟି ବିଲ୍ୱ ମଙ୍ଗଳ ଚରିତ୍ରକୁ ନେଇ ଲେଖାଯାଇଛି । ବେଦ ଶର୍ମା ଥିଲେ ଅପୁତ୍ରିକ। ସନ୍ତାନ ନ ଥିବାରୁ ସେ ଖୁବ ଦୁଃଖରେ ଥିଲେ। ବାର୍ଦ୍ଧକ୍ୟରେ ଉପନୀତ ହେବାପରେ ସେ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। କିଛି ଦିନ ପରେ ତାଙ୍କ ଔରୁଷରୁ ଏକ ପୁତ୍ର ସନ୍ତାତ ଜନ୍ମ ହେଲା। ଶୁଭ ଲଗ୍ନରେ ତାଙ୍କର ବିଦ୍ୟାରମ୍ଭ ହେଲା। କିନ୍ତୁ ବିଲ୍ୱମଙ୍ଗଳ ପଢାପଢିରେ ମନ ଦେଲେ ନାହିଁ। କାମନୀ, କାଞ୍ଚନ ଓ ଚୋରି ଆଦିରେ ବୁଡି ରହିଲେ। ବିଲ୍ୱ ମଙ୍ଗଳର ଏତାଦୃଶ ଆଚରଣ ପିତା ବେଦ ଶର୍ମାଙ୍କୁ ହତୋତ୍ସାହିତ ହୋଇ ତାଙ୍କର କୋଷ୍ଠୀ ଗଣନା କଲେ। ଯେଉଁଥିରେ ତାଙ୍କର ଅର୍ଦ୍ଧେକ ଜୀବନ ଏପରି ମଦ୍ୟପାନ ଓ ବେଶ୍ୟା ସଙ୍ଗରେ ଅତିବାହିତ ହେବ କିନ୍ତୁ ବାର୍ଦ୍ଧକ୍ୟ ପୂର୍ବରୁ ସେ କଠୋର ସାଧନା ବଳରେ ବିଷ୍ଣୁଭକ୍ତ ହେବେ ଓ ତାଙ୍କ ଆତ୍ମା ବିଷ୍ଣୁ ଲୋକ ପାପ୍ତି ହେବ। ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା ।




### କବିତା ନିଳୟ

**ପ୍ରମୋଦ କୁମାର ନନ୍ଦ, ପ୍ରକାଶକ– ଶିଶୁକଲମ ବି/୯, ଶହୀଦ ନଗର,ଭୁବନେଶ୍ୱର–୭, ମୂଲ୍ୟ–୧୬୦ଟଙ୍କା**

'କବିତା ନିଳୟ' ପ୍ରମୋଦ କୁମାର ନନ୍ଦଙ୍କ ପୁସ୍ତକ। ଏଥିରେ ୪୭ଟି କବିତା ସ୍ଥାନ ପାଇଛି। କବି ବିଭିନ୍ନ ଭାବକୁ ନେଇ ରଚିତ କବିତାଗୁଡିକୁ ଏଥିରେ ସ୍ଥାନ ଦେଇଛନ୍ତି। କେତେବେଳେ କାଳିଆ ପାଖରେ ନିଜକୁ ସମର୍ପି ଦେଇଛନ୍ତି ତ ଆଉ କେତେବେଳେ ପ୍ରେମ ନିଶାରେ ଭ୍ରମର ପରି ବୁଲିଛନ୍ତି। କେତୋଟି କବିତାକୁ ଏଠି ନିଆଯାଇ ପାରେ, ତୁ ତ ଜଗତର ନାଥ, ଜଗତ କରତା/ସେହିପରି ସ୍ୱପ୍ନର ନାୟିକା ସାଜି, ତୁମେ ଆସିଥିଲ ଆଜି; ସେହି ସ୍ୱପ୍ନେ ଗଲି ହଜି, ପାଇଲନି ତୁମେ ଖୋଜି; ମନ ମୋର ବିଷାଦରେ ତୁମେ ଦହିଲ/ ସ୍ୱପ୍ନର ନାୟିକା ସାଜି ସ୍ୱପ୍ନେ ରହିଲ(ସ୍ୱପ୍ନର ନାୟିକା–ପୃଷ୍ଠା–୧୦୪)ଆଦି ଅନେକ ଚମତ୍କାର କବିତା ପୁସ୍ତକରେ ସ୍ଥାନୀତ ହୋଇଛି। ପୁସ୍ତକଟି ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା ।




### ସତ୍ୟବାଦୀ ବନ-ବିଦ୍ୟାଳୟର ନୂତନପ୍ରସ୍ଥ

**ଅଧ୍ୟାପକ ଚିନ୍ତାମଣି ଦାଶଙ୍କ ପ୍ରବନ୍ଧାବଳୀ(୧)**
**ସମ୍ପାଦନା ଓ ସଂକଳକ, ଡକ୍ଟର ରଶ୍ମିରଞ୍ଜନ ମହାପାତ୍ର, ପ୍ରକାଶକ– ଚିନ୍ତାମଣି ସ୍ମୃତି ପରିଷଦ , ସତ୍ୟବାଦୀ, ପୁରୀ , ମୂଲ୍ୟ–୧୬୦ଟଙ୍କା**

'ସତ୍ୟବାଦୀ ବନ–ବିଦ୍ୟାଳୟର ନୂତନପ୍ରସ୍ଥ' ଅଧ୍ୟାପକ ଚିନ୍ତାମଣି ଦାଶଙ୍କ ପ୍ରବନ୍ଧାବଳୀର ପ୍ରଥମ ଭାଗ ପ୍ରକାଶିତ ହୋଇଛି। ଯାହାକୁ ସମ୍ପାଦନା ଓ ସଂକଳନ କରିଛନ୍ତି ଡକ୍ଟର ରଶ୍ମିରଞ୍ଜନ ମହାପାତ୍ର। ଏଥିରେ ଅଧ୍ୟାପକ ଦାଶଙ୍କ ଦ୍ୱାରା ସତ୍ୟବାଦୀ ବନ ବିଦ୍ୟାଳୟ ଉପରେ ଲିଖିତ ୧୨ଟି ପ୍ରବନ୍ଧ ସ୍ଥାନିତ ହୋଇଛି। ଯାହା ବନ ବିଦ୍ୟାଳୟର ଆଙ୍ଗିକ ଓ ଆତ୍ମିକ ରୂପକୁ ପ୍ରକାଶ କରିଛି । ଏଥିରେ ସନ୍ନିବେଶିତ ପ୍ରବନ୍ଧ ବନ ବିଦ୍ୟାଳୟର ସକଳ 'ଶ୍ରୀ'କୁ ଧରି ରଖିବାରେ ସକ୍ଷମ ହୋଇଛି । ପୁସ୍ତକଟି ପାଠକୀୟତା ଲାଭ କରିବ ବୋଲି ଆଶା କରାଯାଏ।



ବ୍ୟାକ୍ ପେଜ୍

# ବୟଫ୍ରେଣ୍ଡ ତକିଆ

ଅନେକ ସମୟରେ ଯେବେ ବ୍ରେକ୍‌ଅପ୍ ହୋଇଯାଏ, ଭାରି ଏକଲା ଅନୁଭବ ହୁଏ। ଲାଗେ ସତେ ଯେମିତି ସବୁ ସରିଗଲା। ପୁରୁଣା ଦିନଗୁଡିକର କଥା ଭାରି ମନେ ପଡେ। ରାତି କଟେନା। ଏହାକୁ ନଜରରେ ରଖି ଆସିଛି 'ବୟଫ୍ରେଣ୍ଡ ପିଲୋ' ବା 'ପୁରୁଷବନ୍ଧୁ ତକିଆ'। ଉକ୍ତ ତକିଆର ସ୍ୱତନ୍ତ୍ରତା ହେଉଛି ଏହାର ଆକାର। ଜଣେ ପୁରୁଷଙ୍କ ଛାତିର ଅଧା ଓ ଏକ ହାତ ଥିବା ଏହି ତକିଆକୁ ଧରି ଶୋଇଲେ, ଲାଗିବ ସତେ ଯେମିତି ନିଜ ବୟଫ୍ରେଣ୍ଡଙ୍କ କାନ୍ଧରେ ମୁଣ୍ଡ ରଖି ଶୋଇଛନ୍ତି। ଆଉ ତାଙ୍କ ହାତ ଆପଣଙ୍କ ଉପରେ ରଖାହୋଇଛି। ଫଳରେ ଏକଲା ଅନୁଭବ ହେବନି। ଆଉ ଭଲ ନିଦ ବି ହେବ। କେବଳ ଏହା ବ୍ରେକ୍‌ଅପ୍ ହୋଇଥିବା ଯୁବତୀଙ୍କ ପାଇଁ ନୁହେଁ, ବରଂ ଏହା ଏଭଳି ମଣିଷ ପାଇଁ ବି ଉଦ୍ଦିଷ୍ଟ ଯେଉଁମାନେ ଏକା ଶୋଇବାକୁ ଭୟ କରନ୍ତି। ଆଉ ଏହି ତକିଆକୁ ଧରି ଶୋଇଲେ ପାଖରେ କେହି ଥିବା ଭଳି ଅନୁଭବ ହେବ ଓ ଡ଼ର ଲାଗିବ ନାହିଁ।





# ମାଛ ଭିତରେ ମାଛ

ଘରେ ଛୋଟ ଛୋଟ ଆକ୍ୱାରିୟମ୍ ରଖିବାକୁ ଅନେକେ ପସନ୍ଦ କରନ୍ତି। ସୁନ୍ଦର ରଙ୍ଗିନ ମାଛ ଗୁଡ଼ିକୁ ଦେଖିଦେଲେ ଅବସାଦ, ଦୁଃଖ ଅନେକାଂଶରେ କମିଯାଏ। ସେଥିପାଇଁ ବିଭିନ୍ନ ପ୍ରକାର ଡିଜାଇନ୍‌ର ଆକ୍ୱାରିୟମ ବଜାରରେ ଉପଲବ୍ଧ ହୁଏ। ତେବେ ଜମ୍ମୁରେ ଅଛି ଏଭଳି ଏକ ଆକ୍ୱାରିୟମ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହା ଦେଶର ଏକ ସବୁଠାରୁ ଭଲ ଆକ୍ୱାରିୟମ। ଏଠାରେ ୪୦୦ ପ୍ରଜାତିର ସୁନ୍ଦର ସୁନ୍ଦର ମାଛଙ୍କୁ ରଖାଯାଇଛି। ଆଉ ଏହି ଆକ୍ୱାରିୟମର ଖାସ୍ କଥା ହେଲା ଆକ୍ୱାରିୟମ୍ ଗୃହଟି ଏକ ବଡ଼ ମାଛ ଆକୃତିର, ଯାହାର ଲମ୍ବ ୬୫୬ ଫୁଟ। ଉକ୍ତ ମାଛ ଆକ୍ୱାରିୟମ୍‌ର ପାଟି ଆଁ ହୋଇ ରହିଥାଏ। ଆଉ ତା'ରି ଭିତରେ ପଶି ପର୍ଯ୍ୟଟକଙ୍କୁ ଭିତରକୁ ପ୍ରବେଶ କରିବାକୁ ହୁଏ। ଏହା ଭାରତର ସବୁଠାରୁ ବଡ଼ ଅଣ୍ଡର ଗ୍ରାଉଣ୍ଡ ଆକ୍ୱାରିମୟମ ମଧ୍ୟ। ମାଛ ଆକୃତିର ଉକ୍ତ ଆକ୍ୱାରିୟମ ଭିତରେ ୨୪ଟି ଆକ୍ୱାରିୟମ ଗୁମ୍ଫା ଅଛି। ଯାହା ଭିତରେ ବ୍ଲାକ ମୁର, ପିରାନ୍ହା, ବବଲ୍ ଆଇ, ଶାର୍କ କ୍ୟାଟ୍‌ଫିଶ୍ ପରି ଅନେକ ପ୍ରଜାତିର ମାଛ ଅଛନ୍ତି।







# ସ୍ୱେଟରର ଦାମ ୯ କୋଟି

ଆଗକୁ ଶୀତଦିନ ଆସୁଛି। ଏମିତିରେ ତ ସମସ୍ତଙ୍କର ସ୍ୱେଟର ଥାଏ। ତଥାପି କେହି କେହି ଲାଟେଷ୍ଟ ଡିଜାଇନ୍‌ର ସ୍ୱେଟର ପାଇଁ ନୂଆ ସ୍ୱେଟର ବି କିଣନ୍ତି। ଆଉ ବଜାରରେ ଶସ୍ତା ମହଙ୍ଗା ବିଭିନ୍ନ ପ୍ରକାରର ସ୍ୱେଟର ମିଳେ। ତେବେ କେବେ ୯ କୋଟି ଟଙ୍କାର ସ୍ୱେଟର କଥା ଶୁଣିଛନ୍ତି ? ବିଶ୍ୱାସ ନ ହେଲେ ବି ନିକଟରେ ୯ କୋଟିରେ ଏକ ସ୍ୱେଟର ନିଲାମ ହୋଇଛି। ଏହାବାଦ୍ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ସ୍ୱେଟର ବହୁତ ପୁରୁଣା ଓ ଦେଖିବାକୁ ବି ସାଧାରଣ। ତଥାପି ଏହାର ମୂଲ୍ୟ ଏତେ। ଭାବୁଥିବେ ଏହାର ମୂଲ୍ୟ କାହିଁକି ଏତେ ଅଧିକ। ପ୍ରକୃତ କଥା ହେଉଛି ସାଧାରଣ ଲାଗୁଥିଲେ ହେଁ ଏହି ସ୍ୱେଟର ସାଧାରଣ ନୁହେଁ। କାରଣ ଦିନେ ଏହି ସ୍ୱେଟରର ମାଲିକ ଥିଲେ ବ୍ରିଟେନର ପୂର୍ବତନ ରାଜ କୁମାରୀ ପ୍ରିନ୍ସେସ୍ ଡାଏନା। ଯେକି ବ୍ରିଟେନ ରାଜା ପ୍ରିନ୍ସ ଚାର୍ଲସଙ୍କ ପତ୍ନୀ ଏବଂ ପ୍ରିନ୍ସ ହ୍ୟାରୀ ଓ ପ୍ରିନ୍ସ ୱିଲିୟମଙ୍କ ମା'। ନିକଟରେ ପ୍ରିନ୍ସେସ ଡାଏନାଙ୍କର ଏହି ସ୍ୱେଟର ନିଲାମ ହୋଇଛି। ଆଉ ଏହାକୁ ଜନୈକ ବ୍ୟକ୍ତି ୯ କୋଟିରେ କିଣି ନେଇଛନ୍ତି। ୧୯୮୧, ଜୁନ ମାସରେ ପ୍ରିନ୍ସେସ୍ ଡାଏନାଙ୍କର ଏଙ୍ଗେଜମେଣ୍ଟ ପ୍ରିନ୍ସ ଚାର୍ଲସ୍‌ଙ୍କ ସହ ହେବା ପରେ ଡାଏନା ଏକ ପୋଲୋ ମ୍ୟାଚ୍‌ରେ ସାମିଲ ହୋଇଥିଲେ। ସେତେବେଳେ ତାଙ୍କ ବୟସ ମାତ୍ର ୧୯ ବର୍ଷ ହୋଇଥାଏ। ଏହି ମ୍ୟାଚ୍‌ରେ ହିଁ ଡାଏନା ଉକ୍ତ ସ୍ୱେଟର ପିନ୍ଧିଥିଲେ। ସେତେବେଳେ ଉକ୍ତ ଲାଲ ସ୍ୱେଟର ପିନ୍ଧା ପ୍ରିନ୍ସେସ୍ ଡାଏନାଙ୍କ ଫଟୋ ବେଶ୍ ଚର୍ଚ୍ଚାକୁ ଆସିଥିଲା। ଆଉ ଏହା ଷ୍ଟାଇଲ ଷ୍ଟେଟମେଣ୍ଟ ପାଲଟିଯାଇଥିଲା। ଲାଲ ରଙ୍ଗର ଉକ୍ତ ସ୍ୱେଟରଟିରେ ଅନେକ ଧଳା ମେଣ୍ଢା ଥିବାବେଳେ ଏକ କଳା ମେଣ୍ଢା ବି ଥିଲା।